**ରତନପୁରରେ ଅଗ୍ନିକାଣ୍ଡ**

**ଦେଓଗାଁ, ୧୬।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରତନପୁର ଗାଁରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଦୁଃଖୁ ରାଉତଙ୍କ ଘର ଜଳି ଯାଇଛି। ତାଙ୍କ ଘର ପାଖଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଶର୍ଟ ହୋଇ ପ୍ରଥମେ ପାଖରେ ଥିବା ଗାଈଗୁହାଳରେ ନିଆଁ ଲାଗିଯାଇଥିଲା। ପରେ ଏହି ନିଆଁବ୍ୟାପୀ ତାଙ୍କ ବାସଗୃହରେ ଲାଗିଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ୨ବସ୍ତା ଚାଉଳ, ଘରେଥିବା ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ଦୁଃଖୁଙ୍କ ପୁଅ ଅମିତ କହିଛନ୍ତି। ଝୁଲି ରହିଥିବା ତାରକୁ ନେଇ ବିଭାଗରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ କର୍ଣ୍ଣପାତ ନ କରିବାରୁ ଏପରି ହୋଇଥିବା ଘର ମାଲିକ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି।

## ସଂକ୍ଷେପରେ

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୬।୩:** ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ଖଟାଲ ବସ୍ତିରେ ଜଣେ ଯୁବକ ବେକରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ବବଲୁ ପ୍ରସାଦ(୨୩)। ରାଜୀବନଗର ସ୍ଥିତ ଖଟାଲ ବସ୍ତିର ବବଲୁ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଘରେ କେହି ନ ଥିବାବେଳେ ଆଜବେଷ୍ଟସ ଲୁହା ପାଇପରେ ରଶି ବାନ୍ଧି ବେକରେ ଗୁଡାଇ ଝୁଲି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨।୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଦେଶବ୍ୟାପୀ ଧର୍ମଘଟ ସଫଳ ପାଇଁ ଆହ୍ବାନ

**ରାଉରକେଲା ଅଫିସ,୧୬।୩:** ରାଉରକେଲା ବିଶ୍ରା ଛକରେ ସିଆଟିୟୁ, ଗାଙ୍ଗପୁର ମଜଦୁର ମଞ୍ଚ, ଏଆଇଟିୟୁସି, ଆଇଏନ୍‌ଟିୟୁସି ଆଦି ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ସଙ୍ଗଠନର ଶ୍ରମିକ ନେତାମାନେ ଉପସ୍ଥିତ ରହି ଆସନ୍ତା ୨୮ ଓ ୨୯ ତାରିଖରେ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ବାନ ଦେଇଥିଲେ। ବର୍ତ୍ତମାନ ଦେଶରେ ଯେଉଁଭଳି ଦରବୃଦ୍ଧି ହେଉଛି ତାକୁ ନିୟନ୍ତ୍ରଣ କରିବା, ଶ୍ରମକୋର୍ଡ ପ୍ରତ୍ୟାହାର, ବେକାରୀଙ୍କୁ ନିଯୁକ୍ତି, ଘରୋଇକରଣ ବନ୍ଦ ସମେତ ୧୨ ଦଫା ଦାବିରେ ବିଭିନ୍ନ ସଙ୍ଗଠନ ଉକ୍ତ ଦିନ ଆନ୍ଦୋଳନ କରିବେ। ଏହି ଆନ୍ଦୋଳନକୁ ସହରବାସୀ ଓ ସମସ୍ତ ବ୍ୟକ୍ତି ସଫଳ କରିବାକୁ ଶ୍ରମିକ ନେତା ବିମାନ ମାଇତି ନିବେଦନ କରିଥିଲେ। ବୈଠକରେ ଆଇନଜୀବୀ ସଦାନନ୍ଦ ସାହୁ, ରାଜ କିଶୋର ପ୍ରଧାନ, ଶ୍ରମିକ ନେତା ଶଶଧର ନାୟକ, ନିହାର ଦାସ, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ନିହାର ସାମଲ, ବିଷ୍ଣୁ ପଣ୍ଡା, ଦିଗମ୍ବର ମହାନ୍ତି, ଅଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସୁସ୍ଥ ସମାଜ ପାଇଁ ନୃତ୍ୟ, ସଙ୍ଗୀତର ଅବଦାନ ଅପରିସୀମ

**ରାଉରକେଲା ଅଫିସ,୧୬।୩:** ରାଉରକେଲା ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ବସନ୍ତ ସମାରୋହର ଦ୍ୱିତୀୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ସୁସ୍ଥ ସମାଜ ପାଇଁ ନୃତ୍ୟ ସଙ୍ଗୀତର ଅବଦାନ ଅପରିସୀମ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇସ୍ପାତ କାରଖାନାର କାର୍ମିକ ଓ ପ୍ରଶାସନିକ ନିର୍ବାହୀ ନିର୍ଦ୍ଦେଶକ ଇଂ ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଡ. ସୁମନ ଦତ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦିକା ଅଳକା ଚାନ୍ଦ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୨ ମସିହା ପାଇଁ ବିଶିଷ୍ଟ କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀଙ୍କୁ 'ବସନ୍ତ ସମ୍ମାନ', ବିଶିଷ୍ଟ ନାଟ୍ୟକାର ନୃସିଂହ ଚରଣ ମହାନ୍ତିଙ୍କୁ 'ମୁକ୍ତିକାନ୍ତ ନାଟ୍ୟ ସମ୍ମାନ' ଓ ପ୍ରଗତିଶୀଳ କବି ତ୍ରିନାଥ ସିଂଙ୍କୁ 'ପ୍ରଭାତ ନଳିନୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବେତାର ଓ ଦୂରଦର୍ଶନ କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ଓଡ଼ିଶୀ ଓ ଭଜନ ପରିବେଷଣ କରିଥିଲେ। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା ଓ ନିଖିଳେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।

# ୩ ପ୍ରମୁଖ ଦଳ ମଧ୍ୟରେ ସିଧାସଳଖ ଲଢ଼େଇ

**କୁଚିଣ୍ଡା ଏନ୍‌ଏସି**

**୩୦ ବର୍ଷ ପରେ ଅଧ୍ୟକ୍ଷ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ**


ପ୍ରଦ୍ୟୁତ ମହାନ୍ତି (ବିଜେଡି)


ସୁଶୀଳ କର (ଭାଜପା)


ଅଖିଳ ପ୍ରତାପ ସିଂ (କଂଗ୍ରେସ)

**କୁଚିଣ୍ଡା,୧୬।୩(ଡି.ଏନ.ଏ.)**

କୁଚିଣ୍ଡା ଏନ୍‌ଏସି ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଥିବାବେଳେ ମଇଦାନରେ ୭ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ବିଜେଡିରୁ ପ୍ରଦ୍ୟୁତ ମହାନ୍ତି, ଭାଜପାରୁ ଶୁଶିଳ କର, କଂଗ୍ରେସରୁ ଅଖିଳ ପ୍ରତାପ ସିଂ, ଆପ୍‌ରୁ ଲିଙ୍କନ କିଣ୍ଡୋ, ସ୍ୱାଧୀନ ଭାବେ ହରେକୃଷ୍ଣ ମହାପାତ୍ର, ଭୀମରାଜ ପ୍ରସାଦ ଓ ନିଳୋତ୍ପଳା କୁସୁମ ପ୍ରାର୍ଥୀ ହୋଇଛନ୍ତି। ହେଲେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢେଇ ହେବା ଚର୍ଚ୍ଚା ହେଉଛି। ୧୯୬୯ରେ ଗଠିତ ଏହି ଏନ୍‌ଏସିରେ ୧୧ଗୋଟି ୱାର୍ଡ ରହିଥିବାବେଳେ ଭୋଟର ସଂଖ୍ୟା ହେଉଛି ୧୧,୮୩୦। ସେଥିରୁ ମହିଳା ଭୋଟର ୬,୧୫୬ ଓ ପୁରଷ ଭୋଟର ସଂଖ୍ୟା ୫,୬୭୪ ଜଣ। ୧୧ ୱାର୍ଡରେ ୧୩ ବୁଥ୍ ରହିଥିବା ବେଳେ ୱାର୍ଡ ନଂ୪ ଓ ୱାର୍ଡ ନଂ୯ରେ ୨ଟି ଲେଖାଏ ବୁଥ୍ ରହିଛି। ୱାର୍ଡ ନଂ୪ରେ ସର୍ବାଧିକ ୧,୯୧୧ଜଣ ଓ ୱାର୍ଡ ନଂ୧ରେ ସର୍ବନିମ୍ନ ୬୨୮ ଭୋଟର ରହିଛନ୍ତି। ଦୀର୍ଘ ୩୦ବର୍ଷ ପରେ ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେଉଥିବାରୁ ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ବାଛିବା ନେଇ ଭୋଟର ବେଶ୍ ଉତ୍ସାହିତ ଅଛନ୍ତି। ଏଥର ବିଜେଡି ପ୍ରାର୍ଥୀ ହୋଇଥିବା ପ୍ରଦ୍ୟୁତ ମହାନ୍ତି ୧୯୮୪ରେ ପରୋକ୍ଷରେ ଓ ୧୯୯୦ରେ କଂଗ୍ରେସ ଦଳରୁ ୨ଥର ଅଧ୍ୟକ୍ଷ ହୋଇଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅଖିଳ ପ୍ରତାପ ସିଂ ୨୦୦୮ରେ ଅଧ୍ୟକ୍ଷ ଓ ୨୦୧୩ରେ ୱାର୍ଡ କାଉନ୍‌ସିଲର ରହିଛନ୍ତି। ଭାଜପାରୁ ଲଢୁଥିବା ଶୁଶିଳ କର ମଧ୍ୟ ୨୦୧୩ରେ ୱାର୍ଡ କାଉନ୍‌ସିଲର ରହିଥିବା ଜଣାଯାଏ। ଏହି ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ବେଶ୍ ଅଭିଜ୍ଞ ହୋଇଥିବାରୁ ଏଥର ତ୍ରିମୁଖି ଲଢେଇ ହେବା ସୂଚନା ମିଳୁଛି।



ସମ୍ବଲପୁରଠାରେ ବୁଧବାର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ପୁରାତନ ଛାତ୍ର ସଂଗଠନ 'ମୋ କଲେଜ ଅଭିଯାନ' ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## କ୍ରିକେଟ ଟୁର୍ନାମେଣ୍ଟ : ଗୁଲାବନ୍ଧ ଚାମ୍ପିୟନ

**ଜମନକିରା,୧୬।୩ (ଡି.ଏନ.ଏ.)**

ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଅନ୍ତର୍ଗତ କୁତବ ଗ୍ରାମଶ୍ରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଗୁଲାବନ୍ଧ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ଗୁଣ୍ଡୁରୁଟୁଆ ରନର୍ସଅପ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ନବନିର୍ବାଚିତ ସରପଞ୍ଚ ବିଜୟ କୁମାର ନାୟକ ଓ ସମିତିସଭ୍ୟ ଅଶୋକ କୁମାର ବାଘ ଅତିଥି ଭାବେ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଭାପତି ସୁମନ୍ତ ପଧାନ, ସମ୍ପାଦକ ନରେଶ କୁମାର ସାହୁ, ଉପଦେଷ୍ଟା ଶ୍ରୀକର ପଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ସୌରଭ ନଗରବାସୀ ପ୍ରଶାସନର ଦ୍ୱାରସ୍ଥ


ଏସ୍‌ଏମ୍‌ସି ଅଫିସ ସମ୍ମୁଖରେ ସୌରଭ ନଗରବାସୀ।

**ସମ୍ବଲପୁର,୧୬।୩ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୮ ସୌରଭ ନଗରବାସୀଙ୍କ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ବୁଧବାର ସେମାନେ ଏସ୍‌ଏମ୍‌ସି କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପୂର୍ବରୁ ଏହି ପଡା ଧନକଉଡା ବ୍ଲକ ସଙ୍କର୍ମା ପଞ୍ଚାୟତ ଅଧୀନରେ ରହିଥିଲା। ୨୦୧୪ରେ ମହାନଗର ଘୋଷଣା କରି ଉକ୍ତ ପଞ୍ଚାୟତକୁ ସାମିଲ କରି ଦିଆଗଲା। ମହାନଗର ଅଧୀନକୁ ଆସିବା ପରେ ଲୋକେ ପାଣି, ବିଜୁଳି, ରାସ୍ତା, ଡ୍ରେନ୍ ଭଳି ସମସ୍ତ ସୁବିଧା ପାଇବେ ବୋଲି ଆଶା ରଖିଥିଲେ। ହେଲେ ଏବେ ଆଶା ମଉଳି ଯାଇଛି। ଅତ୍ୟାବଶ୍ୟକ ପାଣି ମଧ୍ୟ ମିଳୁନାହିଁ। ରାସ୍ତାଘାଟ ଶୋଚନୀୟ ହୋଇପଡିଛି। ଷ୍ଟ୍ରିଟ ଲାଇଟ୍ ଲଗାଯାଉ ନାହିଁ। ପ୍ରଥମେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବା ସହ ଏହାର ସ୍ଥାୟୀ ବ୍ୟବସ୍ଥା କରାଯାଉ। ଅନ୍ୟ ସମସ୍ୟା ସମାଧାନ କରାଯାଉ ବୋଲି ଦାବି କରିଛନ୍ତି। ଶଶାଙ୍କ ଚକ୍ରବର୍ତ୍ତୀ, ପ୍ରେମଶିଳା ନାଏକ, ନମିତା ପ୍ରଧାନ, ପୁଷ୍ପା ପାଳ, ରାଜଶ୍ରୀ ହାଲ, ଗୀତା ଜାଳ, ମୀନାକ୍ଷୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଟିକା ନେଲେ ୧୦୦ କିଶୋରୀ, କିଶୋର

**ସମ୍ବଲପୁର,୧୬।୩ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ୧୨ରୁ ୧୪ବର୍ଷ ବୟସ୍କ ପିଲାଙ୍କ ନିମନ୍ତେ କୋଭିଡ୍ ଟିକା ପ୍ରଦାନର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ବୁଢ଼ାରଜା ହାଇସ୍କୁଲଠାରେ ବୁଧବାର ଏହା ଆରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ଜିଲାର ଅନ୍ୟ ସ୍କୁଲରେ ଏହି ଟିକା ପ୍ରଦାନ କରାଯିବ। ପ୍ରଥମ ଦିନରେ ୧୦୦ ଡୋଜ୍ ଟିକା ଦିଆଯାଇଛି। ଜିଲାରେ ଏହି ବର୍ଗର ୩୦,୭୨୪ ଜଣଙ୍କୁ ଟିକାକରଣ ନିମନ୍ତେ ଲକ୍ଷ୍ୟ ରହିଛି। କେନ୍ଦ୍ର ସରକାର କେବଳ କୋର୍ବେଭାକ୍ସ ଟିକାକୁ ଅନୁମତି ଦେଇଛନ୍ତି। ୨୦୧୦ ମାର୍ଚ୍ଚ ୧୫ ତାରିଖ ପୂର୍ବରୁ ଜନ୍ମଗ୍ରହଣ କରିଥିବା ପିଲାମାନଙ୍କୁ ଏହି ଟିକା ପ୍ରଦାନ କରାଯିବ। ପ୍ରଥମ ଡୋଜ୍‌ର ୨୮ ଦିନ ବ୍ୟବଧାନରେ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। ଏଡିପିଏଚ୍‌ଓ ଏଫ୍‌ଡବ୍ଲ୍ୟୁ ଡା. ଭରତ ଦାସ, ଡା. ପ୍ରଦୀପ ହୋତାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ: ୪ ଗିରଫ

**ରାଉରକେଲା ଅଫିସ,୧୬।୩**

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ସିନିୟର ସିଟିଜେନ ପାର୍କ ଭିତରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳରାମ ନାୟକ(୨୦), ପ୍ରିୟାଂଶୁ ରାଉତରାୟ(୧୯), ଶଙ୍କର କ୍ଷେତ୍ରୀ(୨୧) ଓ ଜଣେ ନାବାଳକ। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କୋଏଲନଗର ଏ ବ୍ଲକର ଘର ନଂ.୩୪୧ରେ ସ୍ୱରୂପ ନାୟକ ବାସ କରନ୍ତି। ଗତ ୩ ତାରିଖ ରାତି ସାଢ଼େ ୮ଟା ସମୟରେ ତାଙ୍କୁ ବଣ୍ଟି ମହାନ୍ତି ନାମକ ଜଣେ ଯୁବକ ଫୋନରେ ପାର୍କକୁ ଡାକିଥିଲେ। ସେଠାରେ ଦୁଇଜଣଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ବଣ୍ଟି ରାଗିଯାଇ ସ୍ୱରୂପଙ୍କୁ ଆକ୍ରମଣ କରିଥିଲେ। ସ୍ୱରୂପ ଅଚେତ ହୋଇ ପଡିଯିବାରୁ ତାଙ୍କୁ ଅନ୍ୟ ୪ ସହଯୋଗୀ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୦/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

**ରେଢାଖୋଲ,୧୬।୩ (ଡି.ଏନ.ଏ.)**

ରେଢାଖୋଲ ରେଳ ଷ୍ଟେଶନରୁ ମଙ୍ଗଳବାର ରାତିରେ ଗଞ୍ଜେଇ ଚୋରା ଚାଲାଣ ବେଳେ ରେଳ ସୁରକ୍ଷା ବଳ ୭ କେଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ସାଗର ଜିଲାର ବିରନ୍ଦ୍ର ସିଂ (୪୩)। ଅଭିଯୁକ୍ତଙ୍କୁ ବୁଧବାର ସମ୍ବଲପୁର ଜିଆର୍‌ପିକୁ ହସ୍ତାନ୍ତର କରାଯାଇଥିବା ରେଳ ସୁରକ୍ଷାବଳ ସବ୍‌ଇନ୍ସପେକ୍ଟର ପ୍ରମୋଦ କୁମାର ଜୟପୁରିଆ କହିଛନ୍ତି। ସୂଚନାମତେ ମଙ୍ଗଳବାର ରାତିରେ ରେଳ ସୁରକ୍ଷାବଳ ଏଏସ୍‌ଆଇ ସୁଶୀଲ କୁମାର ପ୍ରଧାନ, ମନୋଜ କୁମାର ସାମଲ ଓ ଅନ୍ୟମାନେ ରାତି ଡ୍ୟୁଟି କରୁଥିଲେ। ଏହି ସମୟରେ ବିରନ୍ଦ୍ର ଏକ ବସ୍ତାରେ ଗଞ୍ଜେଇ ଧରି ଟ୍ରେନକୁ ଅପେକ୍ଷା କରିଥିବା ବେଳେ ସେମାନେ ସନ୍ଦେହରେ ଯାଞ୍ଚ କରିଥିଲେ। ରେଢାଖୋଲ ଅତିରିକ୍ତ ତହସିଲଦାର ଅମୂଲ୍ୟ କୁମାର ବାଗ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯାଇଥିଲା।

## ବିକାଶକୁ ଗୁରୁତ୍ୱ ଦେବାକୁ କହିଲେ ନବନିର୍ବାଚିତ ସରପଞ୍ଚ

**ଝାରସୁଗୁଡ଼ା ଅଫିସ,୧୬।୩**


ସଭାରେ ଯୋଗଦେଇଥିବା ଜନପ୍ରତିନିଧି।

ଲଖନପୁର ବ୍ଲକ୍ କୁଶ୍ରାଲୋଇ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ରଘୁମଣି ପ୍ରଧାନ ବୁଧବାର ପୂର୍ବତନ ସରପଞ୍ଚ ରୂପଶୀ ସେଠ୍‌ଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆନନ୍ଦରାମ ରୋହିଦାସ ପରିଚାଳନା କରିଥିଲେ। ଏଥିରେ ନବନିର୍ବାଚିତ ସରପଞ୍ଚ ପ୍ରଧାନ, ସମିତିସଭ୍ୟା ଦମୟନ୍ତୀ ସା, ନାଏବ ସରପଞ୍ଚ ତରୁଣି ସେଠ୍, ପୂର୍ବତନ ସମିତିସଭ୍ୟା ଆରତୀ ଛଞ୍ଚାଣ, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ଷଣ୍ଢ, ସନ୍ତୋଷ ଭୋଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ନବନିର୍ବାଚିତ ଜନପ୍ରତିନିଧିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ପ୍ରଧାନ କୁଶ୍ରାଲୋଇକୁ ଆଦର୍ଶ ପଞ୍ଚାୟତ ଭାବେ ଗଠନ କରିବାପାଇଁ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରିଥିଲେ। ପୂର୍ବରୁ ସେ ସରପଞ୍ଚ ଓ ସମିତିସଭ୍ୟ ରହିଥିବାବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତରହି କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ପଞ୍ଚାୟତର ବିକାଶ ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି।

### କୂଅରୁ ୨ନାଗସାପ ଉଦ୍ଧାର

**ଉଲୁଣ୍ଡା,୧୬।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅମୁର୍ଡା ବରପଦର ସ୍ଥିତ ଏକ କୂଅରୁ ଦୁଇଟି ନାଗସାପ ବୁଧବାର ଉଦ୍ଧାର କରାଯାଇଛି। ସକାଳ ୯ଟାରେ ଉକ୍ତ କୂଅକୁ କେତେଜଣ ଲୋକ ପାଣି ଆଣିବାକୁ ଯାଇଥିବା ବେଳେ ନାଗ ସାପ ପଡ଼ିଥିବା ଦେଖିଥିଲେ। ଖବର ପାଇ ସୋନପୁର ସ୍ନେକ ହେଲ୍ପଲାଇନ, ଉଲୁଣ୍ଡା ଅଗ୍ନିଶମ ବିଭାଗ ଏବଂ ବନବିଭାଗ କୂଅରୁ ନାଗ ସାପ ଦୁଇଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ପରେ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି।

## କ୍ଲବ ଘର ପାଇଁ ଜମି ଦେବାକୁ ଦାବି

**ସମ୍ବଲପୁର,୧୬।୩ (ବ୍ୟୁରୋ)**

କ୍ଲବ ଘର ପାଇଁ ଜମି ଯୋଗାଇଦେବାକୁ ବୁଧବାର ସମ୍ବଲପୁର ସମଲେଶ୍ୱରୀ ଯୁବକ ସଂଘ କର୍ମକର୍ତ୍ତା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସମଲେଇ ଯୋଜନାରେ ବିସ୍ଥାପିତ କରାଯାଇ ସରକାରୀ ଗୃହ, କ୍ଲବ ଘର ଭାଙ୍ଗି ଦିଆଯାଉଛି। ଏହାକୁ ସ୍ୱାଗତ କରାଯାଉଛି। ହେଲେ ଯୋଜନା ପାଇଁ ଅଧିକୃତ ଜମିରୁ କ୍ଲବ ଘର ନିର୍ମାଣ ପାଇଁ ଜମି ପ୍ରଦାନ କରାଯାଉ। କ୍ଲବ ପକ୍ଷରୁ ବହୁ ମନ୍ଦିରରେ ପାଲା ସମ୍ମିଳନୀ, ସଭାସମିତି ଆୟୋଜନ କରାଯାଉଛି। ଏପରି କି ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ କରାଯାଇଥାଏ। କ୍ଲବ ଗୃହ ନିର୍ମାଣ ହେଲେ ଏହିସବୁ ଆୟୋଜନ ସହଜ ହୋଇଯିବ। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ, ଅସହାୟ ଉପକୃତ ହୋଇପାରିବେ। ପୂର୍ବରୁ ମନ୍ଦିର ନିକଟରେ ଏକ କ୍ଲବ ରହିଥିଲା। ଏବେ ସମଲେଶ୍ୱରୀ ଯୋଜନାରେ ଉଚ୍ଛେଦ ହୋଇଯାଇଛି। ଏ ଦିଗରେ ପ୍ରଶାସନ ବିଚାର କରିବାକୁ ଶ୍ୟାମସୁନ୍ଦର ଧର ଓ ଅନ୍ୟ କର୍ମକର୍ତ୍ତା ଅନୁରୋଧ କରିଥିଲେ।

## ରେଳପଥ ମହାପ୍ରବନ୍ଧକଙ୍କ ବିକାଶ କାର୍ଯ୍ୟ ନିରୀକ୍ଷଣ


ବିକାଶ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ରେଳପଥ ମହାପ୍ରବନ୍ଧକ।

**ସମ୍ବଲପୁର,୧୬।୩ (ବ୍ୟୁରୋ)**

ଦକ୍ଷିଣପୂର୍ବ ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ସୁଶ୍ରୀ ଅର୍ଚ୍ଚନା ଯୋଷୀ ବୁଧବାର ସମ୍ବଲପୁର ରେଳ ମଣ୍ଡଳର ବିଭିନ୍ନ ବିକାଶ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଟିଟିଲାଗଡ-ସମ୍ବଲପୁର ସେକ୍ସନର ବାର୍ଷିକ ନିରୀକ୍ଷଣ ପରେ ସେ ଟିଟିଲାଗଡ, ସଇଁତଲା, ବଡମାଳ, ବଲାଙ୍ଗୀର, ବରଗଡ଼ ଓ ସମ୍ବଲପୁର ଷ୍ଟେଶନରେ ଯାଞ୍ଚ କରିଥିଲେ। ରେଳବାଇ ଫାଟକ, ସରଳ ଧାରଣା, ବ୍ରିଜ, ପଏଣ୍ଟ ଏବଂ କ୍ରସିଂ ପରି ବିଭିନ୍ନ ନିରାପତ୍ତା କାର୍ଯ୍ୟ ଦେଖିଥିଲେ। ପ୍ଲାଟଫର୍ମ, ଟିକେଟ ବୁକିଂ ଅଫିସ, କ୍ୟାଟରିଂ, ପ୍ରତୀକ୍ଷାଳୟ, ଡରମେଟୋରୀ, ଭିଆଇପି ଲଞ୍ଜ ପ୍ରଭୃତି ବୁଲି ଦେଖିବା ସହ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବନାଗ୍ନି ଭୟାବହତା ସଚେତନତା ସଭା

**ନାକଟିଦେଉଳ,୧୬।୩(ଡ଼ି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳ ରାଇଲ ଫରେଷ୍ଟ ସେକ୍ସନର ରାଇଲ ଗ୍ରାମରେ ବୁଧବାର ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇଲ ଫରେଷ୍ଟର ସ୍ୱପ୍ନେଶ୍ୱର ଦେହୁରି ପ୍ରାରମ୍ଭିକ ସୂଚନା ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁର ଭୟାବହତା ଏବଂ ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏଥିସହିତ ବର୍ତ୍ତମାନ ବାୟୁମଣ୍ଡଳର ତାପମାତ୍ରା ଯେତିକି ରହୁଛି ଜଙ୍ଗଲରେ ମନୁଷ୍ୟକୃତ ନିଆଁ ଲାଗିବା ଦ୍ୱାରା ତାହା ବହୁ ପରିମାଣରେ ବୃଦ୍ଧି ପାଉଛି। ତେଣୁ ଜନସାଧାରଣ ନିଜେ ସଚେତନ ହେବା ସହ ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ସେ ଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ଅପରପକ୍ଷେ ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବାକୁ ଅନୁରୋଧ କରି ସୂଚନା ପ୍ରଦାନକାରୀଙ୍କୁ ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ ବ୍ୟବସ୍ଥା ରହିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ, ପୂର୍ବତନ ସରପଞ୍ଚ ଅମ୍ରିତ ପାନ୍ନା, ନାକଟିଦେଉଳ ଫରେଷ୍ଟର ସଞ୍ଜୟ କୁମାର ସାହୁ, ଖବରଦାତା ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ବନ ସୁରକ୍ଷା ସମିତି ସଦସ୍ୟ ଯୋଗଦେଇଥିଲେ। ରାଇଲ ଫରେଷ୍ଟ ଗାର୍ଡ଼ ଗୋବିନ୍ଦ ମାଝିଙ୍କ ସମେତ ଅନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡ଼ର ହବାକୁବ ଦେଶୀ ନାଏକ ଅତିଥି ପ୍ରଦାନ ସହ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ପାଣିମୋଟର ଚୋରି

**କୁତ୍ରା,(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବଡ଼ମାଲରେ ଏକ ସମରସେବୁଲ ପାଣି ମୋଟର ଚୋରି ହୋଇଥିବା ନେଇ କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଡମାଲ ଗ୍ରାମର ବିଜୟ ଲାକଡା ତାଙ୍କ ଏକ ଗଭୀର ନଳକୂପରେ ସମରସେବୁଲ ପାଣି ମୋଟର ଲଗାଇଥିବାବେଳେ ଦୁର୍ବୃତ୍ତମାନେ ଆସି ରାତିରେ ତାଙ୍କ ସମରସେବୁଲ ପାଣି ମୋଟରଟିକୁ ଚୋରିକରି ନେଇଯାଇଛନ୍ତି। ଏହାକୁ ନେଇ ସେ କୁତ୍ରା ଥାନାରେ ଅଭିଯୋଗ କଲାପରେ ପୋଲିସ ଘଟଣାର ତଦନ୍ତ କରୁଛି ।

## ସଂକ୍ଷେପରେ

### ଟାଟା ଲୁଣକୁ ନକଲି କରୁଥିବା ଅଭିଯୋଗରେ ଜଣେ ଗିରଫ

**କୁଆଁରମୁଣ୍ଡା,୧୬।୩(ଡି.ଏନ.ଏ.):** ଟାଟା ଲୁଣ ବ୍ରାଣ୍ଡକୁ ନକଲି କରାଯାଇ ନିମ୍ନମାନର ଲୁଣ ବଜାରକୁ ବିକ୍ରି ପାଇଁ ପଠାଯାଉଥିବା ନେଇ ଅଭିଯୋଗ ପାଇ ଟାଟା ବ୍ରାଣ୍ଡ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଏହି ନକଲି ଲୁଣ କାରବାରରେ କୁଆଁରମୁଣ୍ଡାର ଗୋପାଳ ସାହୁ (୪୨) ନାମକ ଜଣେ ଯୁବକ ଜଡ଼ିତ ଥିବା ଅଭିଯୋଗରେ ପୋଲିସ ତାଙ୍କୁ ବୁଧବାର ଗିରଫ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା(ନଂ.୫୧/୨୨) ରୁଜୁ କରାଯାଇଛି। ଗୁରୁବାର ଅଭିଯୁକ୍ତ ଗୋପାଳଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଗ୍ରାହକମାନଙ୍କ ଅଭିଯୋଗକୁ ଆଧାର କରି ଟାଟା ଲୁଣ କମ୍ପାନୀର ଲିଗାଲ ସେଲ କର୍ମଚାରୀମାନେ ବୁଧବାର କୁଆଁରମୁଣ୍ଡା ଅଞ୍ଚଳର କେତେ ଜଣ ବ୍ୟବସାୟୀଙ୍କ ଗୋଦାମରେ ପଶି ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଲିସ ଉପସ୍ଥିତିରେ ଲୁଣ ପ୍ୟାକେଟ୍‌ଗୁଡିକୁ ଯାଞ୍ଚ କରିଥିଲେ। ଏହି ସମୟରେ ସମ୍ବଲପୁରରୁ ଆସିଥିବା ୪ଶହ ବସ୍ତା ଓ ରାଜଗାଙ୍ଗପୁରରୁ ୨ଶହ ବସ୍ତା ଆସିଥିବା ଲୁଣ ଗୋଦାମକୁ ମଧ୍ୟ ଯାଞ୍ଚ କରି ଅସଲି କି ନକଲି ତାହା ପରୀକ୍ଷା ପାଇଁ ଟାଟା ଲୁଣ କମ୍ପାନୀ ପରୀକ୍ଷାଗାରକୁ ପଠାଇଥିବା ଜଣାପଡ଼ିଛି। ହେଲେ ଅଭିଯୁକ୍ତ ଗୋପାଳଙ୍କ ଘରୁ ୧ଶହ ପ୍ୟାକେଟ ଅଧା କି.ଗ୍ରା ନକଲି ଲୁଣକୁ ପୋଲିସ ଜବତ କରିଛି। ଏହି ଚଢାଉରେ ଟାଟା ଲୁଣ ବ୍ରାଣ୍ଡର ଲିଗାଲ ସେଲ କର୍ମଚାରୀମାନଙ୍କ ସହ ବୀରମିତ୍ରପୁର ଏସ୍‌ଡିପିଓ ମାନସରଂଜନ ପ୍ରଧାନ,ଆଇଆଇସି ମନୋଜମଞ୍ଜରୀ ନାଏକ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୬।୩(ଡି.ଏନ.ଏ.):** ନେହେରୁ ଯୁବକେନ୍ଦ୍ର ସୁନ୍ଦରଗଡ଼ ପକ୍ଷରୁ ସ୍ଥାନୀୟ ମାଡ୍ରୀକାଲୋ ଭବନଠାରେ ପଡ଼ୋଶୀ ଯୁବସାଂସଦ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୭ବ୍ଲକର ଯୁବ ଅନୁଷ୍ଠାନର ସଦସ୍ୟ,ଜାତୀୟ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଯୁବ ସଂଯୋଜକ ମାରିଆନୁସ ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ୧୦୦୦ ଜଣ ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱେଚ୍ଛାସେବୀ ବ୍ଲକର ସଦସ୍ୟ, ଆଶାକର୍ମୀ, ଏନସିସି, ଏବଂ ଏନଏସ୍‌ଏସ୍ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଭାରତ ସରକାରଙ୍କ ଯୁବ ବ୍ୟାପାର କ୍ରୀଡ଼ାମନ୍ତ୍ରଣାଳୟର ନବୀନ କୁମାର ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଲଳିତ ରଞ୍ଜନ ସାହୁ, ଅଧାପକ ନୂତନ ଖମାରୀ, ଇନ୍ଦୁଭୂଷଣ ମହାପାତ୍ର, ଅବସରପ୍ରାପ୍ତ ଜିଲା କ୍ରିଡା ଅଧିକାରୀ ଅଭୟ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ପଟେଲ ଯୋଗ ଦେଇଥିଲ। ଏହି ପ୍ରଶିକ୍ଷଣ ଶିବିରକୁ ନେହେରୁ ଯୁବ କେନ୍ଦ୍ରର ସଞ୍ଜିବ ଦଣ୍ଡସେନା, ଅନୀଲ ହାତୀ ସହଯୋଗ କରିଥିଲେ।

# ରେଳ ଉନ୍ନୟନ କାର୍ଯ୍ୟ ନିରୀକ୍ଷଣ

**ବଲାଙ୍ଗୀର ଅଫିସ,୧୬।୩**

**ବଲାଙ୍ଗୀର ଗସ୍ତରେ ପୂର୍ବତଟ ରେଲ୍‌ୱେ ମହାପ୍ରବନ୍ଧକ**
- ବିଧାୟକ ନରସିଂହ ମିଶ୍ର, ଡ. ମୁକେଶ ମହାଲିଙ୍ଗଙ୍କ ସହ କଲେ ଆଲୋଚନା
- ବିଭିନ୍ନ ସଙ୍ଗଠନ, କମିଟି ପ୍ରତିନିଧିଙ୍କୁ ଭେଟି ଦାବିପତ୍ର ଗ୍ରହଣ କଲେ
- ରେଳଷ୍ଟେଶନ୍‌ରେ ସିସିଟିଭି ବ୍ୟବସ୍ଥା ଲୋକାର୍ପଣ କଲେ

ଦକ୍ଷିଣ-ପୂର୍ବ ଏବଂ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ ବୁଧବାର ବଲାଙ୍ଗୀର ଗସ୍ତରେ ଆସି ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ-ସମ୍ବଲପୁର ସେକ୍ସନର ବାର୍ଷିକ ନିରୀକ୍ଷଣ କରିଥିଲେ। ତାଙ୍କ ସହ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ପୂର୍ବତଟ ରେଳପଥର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।

ମଧାହ୍ନ ୧୨ଟାରେ ବଲାଙ୍ଗୀର ରେଳ ଜଙ୍କଶନ୍‌ରେ ପହଞ୍ଚିଥିଲେ ମହାପ୍ରବନ୍ଧକ ଜୋଷୀ। ରେଳଷ୍ଟେଶନ୍ ଅନ୍ତର୍ଗତ ସାଧାରଣ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ, ମହିଳା ଶୟନ କକ୍ଷ, ଉଚ୍ଚଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ, ରେଲ୍‌ୱେ କଲୋନୀ, ରେଳ ପୋଲ, ରେଳ ଫାଟକ ବ୍ରିଜ୍, ପଏଣ୍ଟ ଏବଂ କ୍ରସିଂ ପରି ବିଭିନ୍ନ ନିରାପତ୍ତା ସମ୍ବନ୍ଧୀୟ ସମ୍ପତ୍ତି, ରେଳଧାରଣା, ପ୍ଲାଟଫର୍ମ, ବଲାଙ୍ଗୀର ଓ ଟିଟିଲାଗଡ ରେଳ ଜଙ୍କଶନ, ସଇଁତଲା ଓ ବଡମାଲ ରେଳଷ୍ଟେଶନ୍‌ରେ ଚାଲିଥିବା ନିର୍ମାଣ କାର୍ଯ୍ୟର ସେ ନିରୀକ୍ଷଣ କରିଥିଲେ। ପ୍ଲାଟ୍‌ଫର୍ମରେ ଟିକଟ ବୁକିଂ ଅଫିସ, କ୍ୟାଟରିଂ, ରିଟାରିଂ ରୁମ୍, ଭିଆଇପି ପ୍ରତିକ୍ଷାଳୟ, ଯାତ୍ରୀ ସୁବିଧାର ସମୀକ୍ଷା କରିଥିଲେ। ବଲାଙ୍ଗୀର ରେଳଷ୍ଟେଶନ୍ ଅନ୍ତର୍ଗତ ରେଲ୍‌ୱେ ପୋଲିସ ସୁରକ୍ଷା ବଳ ଥାନାରେ ସିସିଟିଭି ବ୍ୟବସ୍ଥାର ସେ ଲୋକାର୍ପଣ କରିଥିଲେ। ଭିଆଇଭିଲଞ୍ଜରେ ବିଧାୟକ ନରସିଂହ ମିଶ୍ର ମହାପ୍ରବନ୍ଧକ ଜୋଷୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ମିଶ୍ର ଜିଲାବାସୀଙ୍କ ବହୁଦିନର ଦାବି କଣ୍ଟାବାଞ୍ଜିଠାରେ ରେଳ ୱାଗନ କାରାଖାନା ପ୍ରତିଷ୍ଠା ଦାବି ଉଠାଇଥିଲେ। ବଲାଙ୍ଗୀର ରେଳ ଷ୍ଟେଶନରେ ଏକ ଉଚ୍ଚମାନର ଯାତ୍ରୀ ପ୍ରତୀକ୍ଷାଳୟ, ଦେଓଗାଁ ରେଳ ଷ୍ଟେଶନ ସହିତ ଜାତୀୟ ରାଜପଥରୁ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ, ଟିଟିଲାଗଡରୁ ବଲାଙ୍ଗୀର ଦେଇ ଦିଲ୍ଲୀ ପର୍ଯ୍ୟନ୍ତ ସୁପରଫାଷ୍ଟ ଏକ୍ସପ୍ରେସ ଗଡିବା, ଦ୍ରୁତଗାମୀ ରେଳ ଦୁର୍ଗ-ପୁରୀ ଓ ଶିରିଡି-ସାଇନାଥ ରେଳରେ ବଲାଙ୍ଗୀର କୋଟା ଭାବେ ସିଟ୍ ସଂରକ୍ଷଣ ରଖିବାକୁ ନେଇ ଆଲୋଚନା ହୋଇଥିଲା । ସମ୍ବଲପୁରରୁ ପୁରୀ ଯାଉଥିବା ଏକ୍ସପ୍ରେସ୍‌କୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ବିଧାୟକ ମିଶ୍ର ଦାବି ଜଣାଇଥିଲେ । ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ମହାପ୍ରବନ୍ଧକ ଜୋଷୀଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ବରଗଡ ଓ ବୌଦ୍ଧ ଜିଲାବାସୀଙ୍କ ପ୍ରୟାଗରାଜ ଯାତ୍ରା ପାଇଁ ଜମ୍ମୁ-ତାୱି-ସମ୍ବଲପୁରକୁ କେସିଙ୍ଗା ପର୍ଯ୍ୟନ୍ତ ସମ୍ପ୍ରସାରଣ, ବଲାଙ୍ଗୀର-ବିଚ୍ଛୁପାଲି ଟ୍ରେନ୍‌କୁ ସମ୍ବଲପୁର-ଝାରସୁଗୁଡା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଲୋଇସିଂହା ଷ୍ଟେଶନ୍‌ରେ ପୁରୀ-ଦୁର୍ଗ ଏବଂ ହାୱଡା-ଜଗଦଲପୁର ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି ଉଲ୍ଲେଖ କରିଥିଲେ। ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଓ ସହସମ୍ପାଦକ ଚକ୍ରପାଣି ଦାଶ ମହାପ୍ରବନ୍ଧକ ଜୋଷୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପୁରୀରୁ ବଲାଙ୍ଗୀର ଦେଇ ଜୁନାଗଡ ପର୍ଯ୍ୟନ୍ତ ଦ୍ରୁତ ପାସେଞ୍ଜର ଟ୍ରେନ୍ ଚାଲୁ କରିବା, ଦିଲ୍ଲୀ ଓ ଆଲ୍ଲାହାବାଦ ଯିବା ପାଇଁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ମହିଳା, ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ରୋଗୀ ଓ ସାମ୍ବାଦିକଙ୍କ ପାଇଁ ଏକ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ଖୋଲିବା, ବିଭିନ୍ନ ପ୍ଲାଟଫର୍ମରେ ବିଭିନ୍ନ କୋଚର ସ୍ଥିତି ଜାଣିବା ପାଇଁ ଏକ ଡିସ୍‌ପ୍ଲେ ବୋର୍ଡ ଗେଟ୍ ବାହାରେ ସ୍ଥାପନ ଦାବି ଜଣାଇଥିଲେ। ସୁବର୍ଣ୍ଣପୁର ଜିଲା ତରଭା ନାଗରିକ କମିଟି, ଦେଓଗାଁର ପ୍ରତିନିଧି ଦଳ, ବଲାଙ୍ଗୀରରେ ଉପଭୋକ୍ତା ସଂଘ ମଧ ବିଭିନ୍ନ ଦାବି ନେଇ ମହାପ୍ରବନ୍ଧକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶିଭୂଷଣ ସାହୁଙ୍କ ନେତୃତ୍ୱରେ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଣ୍ଡେ, କାର୍ତ୍ତିକ ମଲ୍ଲିକ, ସୁବଳ ରଣା, ବସନ୍ତ ଅଗ୍ରୱାଲ, ରାଜକିଶୋର ସେଠ ପ୍ରମୁଖ ମହାପ୍ରବନ୍ଧକ ଜୋଷୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ, ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସହ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଆଲୋଚନା କରୁଛନ୍ତି।

### ମହାପ୍ରବନ୍ଧକଙ୍କୁ ଦାବିପତ୍ର

**ସଇଁତଳା,(ଡି.ଏନ.ଏ.):** ମହାପ୍ରବନ୍ଧକ ଯୋଷୀ ବଡ଼ମାଲ ରେଳ ଷ୍ଟେଶନରେ ପହଞ୍ଚିବା ପରେ ବଡ଼ମାଲ ଗୋଳାବାରୁଦ କାରଖାନା ୱାର୍କର କମିଟି ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଇସ୍ପାତ ଏକ୍ସପ୍ରେସ, ସମଲେଶ୍ୱରୀ ଏକ୍ସପ୍ରେସ, ଧାନବାଦ ଏକ୍ସପ୍ରେସ ଟ୍ରେନକୁ ବଡ଼ମାଲ ରେଳଷ୍ଟେଶନରେ ରହଣି କରିବାକୁ ଉଲ୍ଲେଖ କରାଯାଇଥିଲା। ମହାପ୍ରବନ୍ଧକ ପୂର୍ବାହ୍ନ ୧୧ଟାରେ ସଇଁତଳା ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ଓ ବିକାଶ ପରିଷଦ ତରଫରୁ ସଇଁତଳାରେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଦୁର୍ଗ-ପୁରୀ, ପୁରୀ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ପୁନଃ ରହଣି ଦାବି କରିଥିଲେ।

### ବଣିକ ସଂଘର ୨୪ଦଫା ଦାବିପତ୍ର

**ଟିଟିଲାଗଡ଼,(ଡି.ଏନ.ଏ.):** ପୂର୍ବତଟ ରେଳ ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସହ ଟିଟିଲାଗଡ ଷ୍ଟେଶନରେ ପହଞ୍ଚିବା ପରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସାକ୍ଷାତ ଆଲୋଚନା କରିଥିଲେ। ଟିଟିଲାଗଡ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ସମ୍ପାଦକ ଗୋପାଳକ୍ରିଷ୍ଣ ଜୈନ ମହାପ୍ରବନ୍ଧକଙ୍କୁ ୨୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରୀଷ୍ମଋତୁରେ ଟିଟିଲାଗଡ ସହରରେ ତାପମାତ୍ରା ଅଧିକ ରହୁଥିବାରୁ ରେଳବାଇ ପକ୍ଷରୁ ଟିଟିଲାଗଡ ଜଙ୍କସନ ସମେତ ଟିଟିଲାଗଡରୁ ରେହେନଭଟା, ସିକେର ଏବଂ ଜେସିଙ୍ଗା ଦିଗରେ ଖାଲି ସ୍ଥାନରେ ବନୀକରଣ, ୫ଟି ପ୍ଲାଟଫର୍ମକୁ ଉପରୁ ଆଚ୍ଛାଦିତ କରିବା ସହ ପାଣି ଛିଞ୍ଚନ, ପାନୀୟ ଜଳ ବ୍ୟବସ୍ଥା, ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ରାୟଗଡା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଅସ୍ଥି ବିସର୍ଜନ ପାଇଁ ଆହ୍ଲାବାଦକୁ ସିଧାସଳଖ ସଂଯୋଗ ପାଇଁ ରାୟଗଡାରୁ ବାରାଣାସୀ ନୂତନ ଟ୍ରେନ ଚଳାଚଳ ଆଦି ଦାବି ହୋଇଛି।

## ସମସ୍ୟାର ଦ୍ରୁତ ସମାଧାନ କରାଯିବ


ଦାୟିତ୍ୱ ଗ୍ରହଣ କରିବା ଅବସରରେ ନୂତନ ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ।

**ଦେଓଗାଁ,୧୬।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ଦ୍ରୁତ ସମାଧାନ କରାଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡାଯିବ। ବୁଧବାର ଆନୁଷ୍ଠାନିକଭାବେ ପଞ୍ଚାୟତ ସମିତି ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଏହା କହିଛନ୍ତି ଦୟାନିଧି ଖମାରୀ । ବିଡିଓ ମୁରଲୀଧର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ, ବ୍ଲକ କାର୍ଯ୍ୟାଳୟର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୨ନଂ ଜୋନ ଜିଲା ପରିଷଦ ସଭ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦ, ସମିତି ସଭ୍ୟାସଭ୍ୟ, ବଲାଙ୍ଗୀର ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, କଂଗ୍ରେସ ଯୁବନେତା ଜନ୍ମେଜୟ ସାହୁ, କଂଗ୍ରେସ କୃଷକ ସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିଜୟ କୁମାର ସାହୁ, କୈଳାସ ତାଣ୍ଡି, ବରିଷ୍ଠ ନେତା ଉମାଶଙ୍କର ସିଂ, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ଦାସ, ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ


ପୋଲିସ ପହଞ୍ଚି ତଦନ୍ତ କରୁଛି।

**ରିଆମାଳ,୧୬।୩ (ଡି.ଏନ.ଏ)**

ରିଆମାଳ ଥାନା ଅନ୍ତର୍ଗତ ଛତାବର ଗାଁ ନିକଟସ୍ଥ ବଡ଼ଖୋଳ ଜଙ୍ଗଲ ମଧ୍ୟରୁ ବୁଧବାର ସକାଳେ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି ରିଆମାଳ ପୋଲିସ। ମୃତଦେହ ଏକ ସପ୍ତାହ ପୂର୍ବରୁ ଏଠାରେ କେହି ଫିଙ୍ଗି ଚାଲିଯାଇଥିବା ପୋଲିସ ଅନୁମାନ କରିଛି। କେନ୍ଦୁ ପତ୍ର ତୋଳିବାକୁ ଯାଇଥିବା ଗାଁ ର କେତେକ ମହିଳା ଜଙ୍ଗଲରୁ ଦୁର୍ଗନ୍ଧ ବାହାରୁଥିବାରୁ ଉକ୍ତ ସ୍ଥାନକୁ ଯିବା ପରେ ସେଠାରେ ମୃତଦେହ ପଡ଼ିଥିବା ଜାଣି ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ରିଆମାଳ ଥାନା ପୋଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ୨୫/୩୦ ବର୍ଷୀୟ ଯୁବକ ବୋଲି ଜଣାପଡିଛି। ମାତ୍ର ଏ ଯାଏଁ କୌଣସି ପରିଚୟ ମିଳି ପାରିନାହିଁ। ପ୍ରାଥମିକ ତଦନ୍ତରେ ଏହା ହତ୍ୟାକାଣ୍ଡ ଥିବା ସନ୍ଦେହ କରାଯାଉଛି ।

# ଚୋରା ବାଲି ଚାଲାଣ: ୪୬ ହଜାର ଟଙ୍କା ଜରିମାନା ଆଦାୟ

**କୁତ୍ରା,୧୬।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସମଲେଇମୁଣ୍ଡାଠାରେ ଚୋରା ବାଲି ଚାଲାଣବେଳେ ଧରପଗଡ଼ ହୋଇଛି। ପୁଣି କୁତ୍ରା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୩ଡମ୍ପରରୁ ୪୬ ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ନିୟମିତ ଭାବରେ ତରକେରା, ଉଡ଼ରୁମା ଓ ସମଲେଇମୁଣ୍ଡା ସ୍ଥିତ ଶଙ୍ଖ ନଦୀ ବାଲି ପଠାରୁ ବାଲିବ୍ୟବସାୟୀମାନେ ଚଞ୍ଚକତା କରି ବାଲି ଚୋରା ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱହାନି କରୁଛନ୍ତି। କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଏବଂ ତାଙ୍କ ଟିମ୍ ବୁଧବାର ସକାଳେ ସମଲେଇମୁଣ୍ଡାରେ ଚଢାଇ କରି ୩ ଡମ୍ପର ଧରିଥିଲେ। ଏହି ୩ ଡମ୍ପରରୁ ମୋଟ ୪୬ ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ଜଣାପଡିଛି। ତେବେ ତହସିଲ ପକ୍ଷରୁ ନିୟମିତ ଭାବରେ ଚଢ଼ାଉ କରି ଫାଇନ ଆଦାୟ କରୁଥିବା ସହିତ ତାଗିଦ କରିଲେ ମଧ ବାଲି ବ୍ୟବସାୟୀ ସୁଧୁରିବାର ନା ଧରୁନାହାନ୍ତି। ସେମାନେ ପ୍ରତିଦିନ ଏମିତି ଚୋରା ବାଲି ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ତହସିଲଦାର ରବୀନ୍ଦ୍ର ସେଠି ବାଲି ବ୍ୟବସାୟୀଙ୍କୁ ସୁଧାରିବାରେ ଲାଗିଛନ୍ତି। ଆଗରୁ ଏପରି କୁତ୍ରା ତହସିଲ ପକ୍ଷରୁ ଫାଇନ ଆଦାୟ କରାଯାଉ ନ ଥିଲା। କିନ୍ତୁ ବର୍ତ୍ତମାନ ପ୍ରତିଦିନ ବାଲିବ୍ୟବସାୟୀଙ୍କୁ ଧରିବା ସହିତ ରାଜସ୍ୱ ବୃଦ୍ଧି ହେଉଥିବାରୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି।


ଜବତ ହୋଇଥିବା ବାଲି ବୋଝେଇ ଡମ୍ପର।

# କିଷାନ ସମାଜ ପକ୍ଷରୁ ଫଗୁଣ ଯାତ୍ରା

**ଲହୁଣୀପଡ଼ା,୧୬।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ଠାକୁରପାଲି ଗ୍ରାମରେ କିଷାନ ସମାଜ ଉନ୍ନୟନ ପରିଷଦ ଓ ରାଧାକୃଷ୍ଣ କିଷାନ ସାଂସ୍କୃତିକ କଳା ନୃତ୍ୟ ଦଳ ତରଫରୁ ମିଳିତ ଭାବେ ଫଗୁଣ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥି ଭାବେ ଶୁକଦେବ ପଲେଇ, କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ସୁରେନ୍ଦ୍ର କିଷାନ, ଉମ୍ବରୁଧର କିଷାନ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିଳାମ୍ବର କିଷାନ ଅଧକ୍ଷତା କରିଥିଲେ। କିଷାନ ଜାତିର ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ କରିଥିଲେ। କିଷାନ ସମାଜର ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ନୀଳମଣି ପ୍ରଧାନ, ଗୋପାଳ କିଷାନ, ଇନ୍ଦ୍ରମଣି ପ୍ରଧାନ, ଲୁଥିରୁ କିଷାନ, କୃଷ୍ଣଚନ୍ଦ୍ର ମାଝୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଫଗୁଣ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମର କିଷାନ ନୃତ୍ୟଦଳ ଅଂଶଗ୍ରହଣ କରି କିଷାନ ନୃତ୍ୟ ପରିବେଷଣ କରିଥିବା ଜଣାପଡିଛି। ଶେଷରେ ଡିଲେଶ୍ୱର ଧନୁୱାର ଧନ୍ୟବାଦ ଅର୍ପଣ କରିଥିଲେ।


କିଷାନ ସମାଜର ଲୋକେ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ଦେବଗଡ଼,୧୬।୩, (ଡି.ଏନ.ଏ)**

**ଜାତୀୟ ଟିକାକରଣ ଦିବସ**

ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଟାଉନ ହଲ ଠାରେ ଜାତୀୟ ଟୀକାକରଣ ଦିବସ ଓ ଜିଲାସ୍ତରୀୟ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ଏଡିପିଏଚଓ ଡାକ୍ତର ପ୍ରଭାସ କୁମାର ଓଝା, ଡିଏମଓ ଡାକ୍ତର ମନୋରଞ୍ଜନ ସାମଲ, ଏଡିପିଏଚଓ ଡାକ୍ତର ବଂଶୀଧର ପାତ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପରିଚାଳକ ଉମେଶ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ରହି ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ମଞ୍ଚାସୀନ ଅତିଥିମାନେ ଜିଲାରେ ଆଶାକର୍ମୀଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ ଆଶାକର୍ମୀମାନେ ମାନବ ସେବାକୁ ମାଧବ ସେବା ଭାବେ ନିଜ ଦାୟିତ୍ୱ ତୁଲାଉଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ । ଗର୍ଭବତୀ ପ୍ରସୂତି ମହିଳା ହେଉ କି ଶିଶୁ ମାତୃ ମୃତ୍ୟୁ ହାର ରୋକିବା, ପୋଲିଓ ହେଉକି କରୋନା ଟୀକା କରଣ ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ କାର୍ଯ୍ୟକ୍ରମ ସଫଳ କରିବା ପଛରେ ଆଶା କର୍ମୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ମତ ପ୍ରକାଶ କରିଥିଲେ। ଏହି ଅବସରରେ ନିଜ ନିଜ ଅଭିଜ୍ଞତା ପ୍ରକାଶ ବେଳେ ଆଶା କର୍ମୀମାନେ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ଜନସାଧାରଣ ସେମାନଙ୍କୁ ସମ୍ମାନ ପୂର୍ବକ ବ୍ୟବହାର ପ୍ରଦର୍ଶନ କରିବାକୁ ଅନୁରୋଧ କରିଥିଲେ । ଜାତୀୟ ଟୀକା କରଣ ଦିବସ ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାର ବାରକୋଟ, ରିଆମାଳ ଓ ତିଲେଇବଣି ବ୍ଲକରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶ୍ରୀଲେଖା ପ୍ରଧାନ, ନର୍ମଦା ସେଠି, ସେବତୀ କୁଜୁର, ସୁକାନ୍ତି ନାଏକ, ଅମୃତି ନାଏକ, ତୃଷା ସାହୁ, ସୁଧାରାଣୀ ଗୁରୁ ପାର୍ବତୀ ମାଝୀ ଓ ଜୟନ୍ତୀ ସାହୁଙ୍କୁ ଅତିଥିଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗାଁ କଲ୍ୟାଣ ସମିତି ପକ୍ଷରୁ ସୁସ୍ଥ ପଞ୍ଚାୟତ ଭାବେ ରିଆମାଳ ବ୍ଲକର ବୁଢାପାଳ ପଞ୍ଚାୟତ, ବାରକୋଟ ବ୍ଲକ ବିଜୟନଗର ପଞ୍ଚାୟତ, ଓ ତିଲେଇବଣି ବ୍ଲକର ତିଲେଇବଣି ପଞ୍ଚାୟତକୁ ଦଶ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରା ଯାଇଥିଲା। ସେହିପରି ସୁସ୍ଥ ଗାଁ ଭାବେ ରିଆମାଳ ବ୍ଲକର କଖାରୁପାଲି, ବାରକୋଟ ବ୍ଲକର ରତନପାଲି ଓ ତିଲେଇବଣି ବ୍ଲକର ଛେପଲିପାଲି ଗାଁକୁ ଶ୍ରେଷ୍ଠ ସୁସ୍ଥ ଗାଁ ଭାବେ ଦଶ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଆଶା ଭାବେ ବାରକୋଟ ବ୍ଲକର ସୁଷମା ନାଏକଙ୍କୁ ପ୍ରଥମ ପୁରସ୍କାର ଭାବେ ୧୧ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ ତିଲେଇବଣି ବ୍ଲକର ଉପସୀ ନାଏକଙ୍କୁ ୧୦ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ରିଆମାଳ ବ୍ଲକର ତୁଳା କିସାନଙ୍କୁ ୯ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ସମ୍ମିଳନୀ ପରିଚାଳନାରେ ଜିଲା ସ୍ୱାସ୍ଥ୍ୟ ମିଶନର ଜ୍ୟୋତ୍ସ୍ନା ଶର୍ମା, ଦେବାନନ୍ଦ ସାମଲ, ମଦନ ମୋହନ ସାମଲ ଓ ଡାକ୍ତର ନରେଶ ଚନ୍ଦ୍ର ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ବାଇକ୍‌ରୁ ପଡ଼ି ଯୁବକ ମୃତ**

ଜୁନାଗଡ଼,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର କଲମପୁର ରାସ୍ତାର ଏକ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ବାଇକ୍‌ରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ଜୁନାଗଡ ତାଲବନ୍ଧ ପଡାର ଜୟଶଙ୍କର ପୁଝାରୀ (୪୩) ନିଜ ଦୋକାନରୁ ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ବାଇକ୍‌ରୁ ପଡି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପରିବାର ଲୋକେ ଜୁନାଗଡ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା ।

## ସଂକ୍ଷେପରେ

### ଡ୍ରାଇଭରଙ୍କୁ ବସ ମାଲିକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ରାସ୍ତାରୋକୋ

ଭବାନୀପାଟଣା,୧୬।୩(ସ୍ୱ.ପ୍ର.): ଜଣେ ଡ୍ରାଇଭରଙ୍କୁ ବସ ମାଲିକଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଓଡିଶା ଘରୋଇ ବସ ଡ୍ରାଇଭର୍ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଘୋଡାଘାଟ ଛକରେ ରାସ୍ତାରୋକୋ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜନାର୍ଦ୍ଦନ ବସର ଡ୍ରାଇଭର ସୁଶାନ୍ତ ପ୍ରଧାନଙ୍କୁ ଏକ ଘରୋଇ ବସ ମାଲିକ ତାଙ୍କର ଦୁଇ ଜଣ ସହଯୋଗୀଙ୍କୁ ନେଇ ଧମକ ଦେବା ସହ ଠେଲାପେଲା କରି ଦୁର୍ବ୍ୟବହାର କରିଥିଲେ। ସଂପୃକ୍ତ ବସ ମାଲିକ କ୍ଷମା ନ ମାଗିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଥିଲେ। ଖବର ପାଇ ଭବାନୀପାଟଣା ଟାଉନ ଥାନା ଅଧିକାରୀ ପ୍ରଦୀପ ଧରୁଆ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନରୁ ଡ୍ରାଇଭରମାନେ ଓହରି ଯାଇଥିଲେ । ପରେ ଆନ୍ଦୋଳନକାରୀ ଭବାନୀପାଟଣା ଟାଉନ ଥାନା ଘେରାଉ କରିଥିଲେ । ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇଥିଲା । ତେବେ ପୋଲିସ ହସ୍ତକ୍ଷେପ ପରେ ସଂପୃକ୍ତ ବସ ମାଲିକ ଥାନାରେ ପହଞ୍ଚି କ୍ଷମା ମାଗିବା ପରେ ଘଟଣାର ସମାଧାନ ହୋଇଥିଲା ।

### ସ୍ୱାସ୍ଥ୍ୟକର୍ମୀ, ୨ ଆଶାକର୍ମୀ ସମ୍ମାନିତ



ବିନିକା,୧୬।୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ଟିକାକରଣ ଦିବସ ବୁଧବାର ସିଦ୍ଧାର୍ଥ କଲେଜ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ନିଜ ଅଞ୍ଚଳରେ ଅଧିକରୁ ଅଧିକ ପିଲାଙ୍କୁ ପଲ୍ସ ପୋଲିସ ଟିକା ଦେଇଥିବା ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଦୁଇଜଣ ଆଶାକର୍ମୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ବାଙ୍କିଘିର୍ଡିର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ମହାପାତ୍ର, ସିନ୍ଦୁରପୁରର ଆଶାକର୍ମୀ ସୌଦାମିନୀ ପଣ୍ଡା ଓ କୌଡିଆମୁଣ୍ଡାର ଆଶାକର୍ମୀ ଅନା ନାୟକ। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଅଂଶୁମାଳିନୀ ପଣ୍ଡା ସେମାନଙ୍କୁ ମାନପତ୍ର, ଉପଢୌକନ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ପରିବେଶ ସମ୍ବନ୍ଧୀୟ ଡାକ ଟିକେଟ ପ୍ରଦର୍ଶନୀ



ବଘିଆପଡା ସରକାରୀ ବିଦ୍ୟାଳୟ ପରିସରରେ ଆୟୋଜିତ ଡାକ ଟିକେଟ ପ୍ରଦର୍ଶନୀ।

ବୌଦ୍ଧ,୧୬।୩ (ସ୍ୱ.ପ୍ର.): ବୌଦ୍ଧ ଜିଲା ବଘିଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ଓ ଡାକ ଟିକେଟ ସଂଗ୍ରହ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ପରିବେଶ ସମ୍ବନ୍ଧୀୟ ଡାକଟିକେଟ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଦର୍ଶନୀରେ ବୌଦ୍ଧର ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଡାକଟିକେଟ ସଂଗ୍ରାହକ ବିଶ୍ୱନାଥ ମିଶ୍ରଙ୍କ ସହିତ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂଗୃହୀତ ୧୧୦ଟି ଦେଶର ଡାକଟିକେଟ ପ୍ରଦର୍ଶିତ ହୋଇଥିଲା । ୫ନଂ ଜୋନ ଜିଲା ପରିଷଦ ସଭ୍ୟା ଉର୍ମିଳା ଝାଙ୍କର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବଘିଆପଡା ସରପଞ୍ଚ ସୁଶ୍ରୀ ଅନୁଜା ଦିପ, ସିଆରସିସି ବିଜୟ କୁମାର ଭୋଇ, ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀର ସଫଳତାରେ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ନିରନ ପ୍ରଧାନ, ଶିକ୍ଷକ ଜୟ ମହାନନ୍ଦିଆ, ସତ୍ୟାନନ୍ଦ ଦନାୟକ, ଶିକ୍ଷୟିତ୍ରୀ ବିଥିକା ସାମନ୍ତରାୟ, ମାଳତୀ ହରିପାଲ ପ୍ରମୁଖ ସହଯୋଗ କରିଥିଲେ ।

# ଏଥର ତ୍ରିମୁଖୀ ଲଢ଼େଇ

ଭବାନୀପାଟଣା,୧୬।୩(ସ୍ୱ.ପ୍ର.)

**ଭବାନୀପାଟଣା ପୌରପାଳିକା ନିର୍ବାଚନ**



ବିନୀତା ଦାଶ



ସଂଯୁକ୍ତା ବେହେରା



ମନ୍ଦାକିନୀ ବାଣୁଆ

କଳାହାଣ୍ଡି ଜିଲାରେ ପୌର.ନିର୍ବାଚନ ପାଇଁ ରାଜନୀତି ସରଗରମ ଦେଖିବାକୁ ମିଳିଛି। ଗତ ୧୪ ତାରିଖ ସନ୍ଧ୍ୟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ପରେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରଚାର ପ୍ରସାରକୁ ଜୋରଦାର କରିଛନ୍ତି। ଏପରିସ୍ଥଳେ କଳାହାଣ୍ଡି ଜିଲାର ଭବାନୀପାଟଣା ପୌରପାଳିକାରେ ରାଜନୀତି ଉଷ୍ମ ହେବାରେ ଲାଗିଛି। ଚଳିତ ପୌରନିର୍ବାଚନରେ ଏଠାରେ ୨୦ଟି ୱାର୍ଡ ପାଇଁ ୮୦ଜଣ କାଉନସିଲର ଓ ୭ ଜଣ ପୌରଧ୍ୟକ୍ଷା ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ପକ୍ଷରୁ ଏଥର ଆଇନଜୀବୀ ତଥା ସାମାଜିକ କର୍ମୀ ବିନୀତା ଦାଶ , ବିଜେଡି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ପୃଷ୍ଠଭୂମିରୁ ଆସିଥିବା ସଂଯୁକ୍ତା ବେହେରା ଓ କଂଗ୍ରେସ ପକ୍ଷରୁ ଜିଲା ଯୁବ ଉପସଭାନେତ୍ରୀ ତଥା ସାମାଜିକ କର୍ମୀ ମନ୍ଦାକିନୀ ବାଣୁଆ ପୋରାଧକ୍ଷା ପ୍ରାର୍ଥିନୀ ଭାବେ ଛିଡା ହୋଇଛନ୍ତି। ତୃଣମୂଳ ସ୍ତରରେ ୩ ପ୍ରାର୍ଥିନୀଙ୍କ ସଙ୍ଗଠନ ସୁଦୃଢ ଥିବାରୁ ଏଥର ତ୍ରିମୁଖୀ ଲଢେଇ ହେବାକୁ ଯାଉଛି।

ଭବାନୀପାଟଣା ସହରରେ ୨୦ଟି ୱାର୍ଡ ରହିଥିବା ବେଳେ ୫୭ ହଜାର ୭୧୧ ଜଣ ଭୋଟର ରହିଛନ୍ତି। ଭାଜପା ପୌରାଧକ୍ଷା ପ୍ରାର୍ଥିନୀ ବିନୀତାଙ୍କର ଆଇନଜୀବୀ ଭାବେ ନାଁ ରହିଛି। ଏହାସହ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକଙ୍କ ସେ ଘନିଷ୍ଟ ସହଯୋଗୀ ଭାବରେ ପରିଚିତ। ଦଳୀୟ କାର୍ଯ୍ୟକ୍ରମରେ ସେ ସବୁବେଳେ ସକ୍ରିୟ ଯୋଗଦାନ କରି ଆସିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ସେ ସ୍ଥାନୀୟ ଭୋଟରଙ୍କୁ ବୁଝାଇ ଭୋଟ ଭିକ୍ଷା କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରୁ ଆସିଥିବା ସଂଯୁକ୍ତା ମଧ୍ୟ ତୃଣମୂଳ ସ୍ତରରେ ନିଜ ମିଶନ ଶକ୍ତି ଜରିଆରେ ସଂଗଠନକୁ ମଜଭୁତ କରି ପାରିଛନ୍ତି। ସେ ଏବେ ଭବାନୀପାଟଣା ବ୍ଲକସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଙ୍ଗଠନ(ବିଏଲ୍‌ଏଫ୍)ର ସଭାନେତ୍ରୀ ଅଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣା ସହରର ୭୭୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ହେଉଛି। ଏହି ମିଶନ ଶକ୍ତି ଜରିଆରେ ସେ ରାଜ୍ୟ ମିଶନ ଶକ୍ତି ଉଚ୍ଚ ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟତର

**ତୃଣମୂଳ ସ୍ତରରେ ରହିଛି ୩ ମହିଳା ପ୍ରାର୍ଥିନୀଙ୍କ ସଙ୍ଗଠନ**

ହୋଇ ପାରିଥିଲେ। ଯାହାର ଫଳସ୍ୱରୁପ ଦଳ ତାଙ୍କୁ ପୌରାଧକ୍ଷା ପ୍ରାର୍ଥିନୀ ପାଇଁ ଟିକେଟ ଦେଇଥିଲା। ତେଣୁ ମିଶନ ଶକ୍ତିର ମହିଳାମାନେ ତାଙ୍କୁ ଆର୍ଶୀବାଦ କରି ବିଜୟ ମୁକୁଟ ପିନ୍ଧାଇବେ ବୋଲି ସେ ଆଶାବାଦୀ ରହିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ପୌରାଧକ୍ଷ ପ୍ରାର୍ଥିନୀ ଭାବେ ଛିଡା ହୋଇଥିବା ମନ୍ଦାକିନୀ(ସୋନି) ମଧ୍ୟ ଭବାନୀପାଟଣା ସହରରେ ଜଣେ ଯୁବ ସାମାଜିକ କର୍ମୀ ତଥା ଦଳର ଜଣେ ସକ୍ରିୟ ସଦସ୍ୟା । ଦଳରେ ରହି ଅନେକ ସାମାଜିକ କାର୍ଯ୍ୟ କରି ଗରିବ ଲୋକଙ୍କ ସମସ୍ୟାର ସମାଧାନ କରିଥିବାରୁ ଏହା ତାଙ୍କ ପାଇଁ ସଫଳତା ଆଣିଦେବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଉପରୋକ୍ତ ୩ ପୌରାଧକ୍ଷା ପ୍ରାର୍ଥିନୀଙ୍କ ମଧ୍ୟରୁ କାହା ମୁଣ୍ଡରେ ଭବାନୀପାଟଣା ଭୋଟର ବିଜୟ ମୁକୁଟ ପିନ୍ଧାଉଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

# ‘କଂଗ୍ରେସ କ୍ଷମତାକୁ ଆସିଲେ ଭୂମିହୀନଙ୍କୁ ଦିଆଯିବ ଘର, ଜମିପଟ୍ଟା’



ବିଧାୟକ ନରସିଂହ ମିଶ୍ର ୱାର୍ଡ ନମ୍ବର ୪ରେ ପ୍ରଚାର କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୬।୩

ବଲାଙ୍ଗୀର ପୌରାଞ୍ଚଳରେ ଗରିବ ଲୋକଙ୍କ ଅସୁବିଧାକୁ ଧ୍ୟାନ ନଦେଇ ସେମାନଙ୍କୁ ନିର୍ଦ୍ଦୟତାର ସହ ବେଦଖଲ କରିବା ପାଇଁ ସରକାରୀ ଦଳ ବ୍ୟୁହ ରଚନା କରୁଛନ୍ତି। ଚଳିତ ପୌର ନିର୍ବାଚନରେ କଂଗ୍ରେସ ପ୍ରତ୍ୟକ୍ଷ ଭାବେ ପରିଷଦ ଗଠନ କଲେ, କୌଣସି ବସ୍ତିବସିନ୍ଦାଙ୍କୁ ଉଚ୍ଛେଦ କରିବାର କାହାର ଦମ୍ଭ ହେବନାହିଁ। ପୌରାଞ୍ଚଳରେ ରହୁଥିବା ସମସ୍ତ ଗରିବ ଓ ଭୂମିହୀନ ମାନଙ୍କୁ ଘର ଓ ଜମି ପଟ୍ଟା ପ୍ରଦାନ କରାଯିବ। ଯଦି କୌଣସି ବ୍ୟକ୍ତି ରାସ୍ତା, ନାଳ ବା ପୋଖରୀ ଭଳି ଆପତ୍ତିଜନକ ଭୂମିରେ ବସବାସ କରୁଛନ୍ତି ତାହେଲେ ତାଙ୍କୁ ଉଚ୍ଛେଦ କରିବା ପୂର୍ବରୁ ତାଙ୍କ ପାଇଁ ବିନା ମୂଲ୍ୟରେ ସ୍ୱତନ୍ତ୍ର ଜମି ଓ ଘରର ବ୍ୟବସ୍ଥା କରାଯିବ । ତେଣୁ ବଲାଙ୍ଗୀର ସହରକୁ ଆହୁରି ସରସ ସୁନ୍ଦର କରି ଗଢି ତୋଳିବା ସହିତ ଗରିବ ଭୂମିହୀନଙ୍କ ଦାବିକୁ ମଜବୁତ କରିବା ପାଇଁ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥିନୀ ମିଲନୀ ସାହୁଙ୍କ ସହ ୱାର୍ଡ ନମ୍ବର ୧୭ କାଉନସିଲର ପ୍ରାର୍ଥୀ ସବିତା ସାହୁ ଏବଂ ୱାର୍ଡ ନମ୍ବର ୪ କାଉନସିଲର ପ୍ରାର୍ଥୀ ଅରବିନ୍ଦ ପରୁଆଙ୍କୁ ଭୋଟ ଦେଇ ବିଜୟୀ କରାନ୍ତୁ। ପୌର ନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ବିଧାୟକ ନରସିଂହ ମିଶ୍ର ବୁଧବାର ଜନସାଧାରଣଙ୍କୁ ଏହି ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବିଭିନ୍ନ ସରକାରୀ ଦଳ ଲେକେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯିବ ବୋଲି ଭୟଭୀତ କରୁଛନ୍ତି । କିନ୍ତୁ କୌଣସି ଭୂମିହୀନ ବସ୍ତିବାସିନ୍ଦାଙ୍କୁ ସେମାନଙ୍କ ବାସସ୍ଥାନରୁ ଉଚ୍ଛେଦ କରାଯିବ ନାହିଁ ବୋଲି ବିଧାୟକ ମିଶ୍ର କହିଥିଲେ। ଅନୁଷ୍ଠିତ ସଭା ମାନଙ୍କରେ ନଗର ସଭାପତି ବୁଲୁ ଦାନୀ, କିଷାନ ସେଲ ସଭାପତି ସାନନ୍ଦ ମିଶ୍ର, ସଞ୍ଜୟ ମିଶ୍ର, ପବିତ୍ର ବେହେରା, ଦୀନେଶ ଦାଶ, ଲୋପନ ମିଶ୍ର, ମଧୁ ନାଗ ଓ ବୁଲୁ ବେହେରା ଉପସ୍ଥିତ ଥିଲେ ।

# ୮ ଅଭିଯୁକ୍ତ ଜେଲ ଗଲେ

ବରଗଡ଼ ଅଫିସ୍,୧୬।୩



ଗିରଫ ୮ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ପୋଲିସକୁ ଆକ୍ରମଣ ଘଟଣା**

ବରଗଡ଼ ଜିଲା ଗାଇସିଲେଟ ଥାନା ଶରଧାପାଲି କଲେଜ ସମ୍ମୁଖରେ ଏକ ଦୁର୍ଘଟଣାରେ ଜଣେ କଲେଜ ଛାତ୍ରୀ ନୂଆପାଲି ଗ୍ରାମର ସାଧୁ ନାୟକଙ୍କ ଝିଅ ନୀଳନ୍ଦ୍ରୀ(୧୭)ଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିବା ଜଣେ ପୋଲିସ କର୍ମଚାରୀଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ ମରଣାନ୍ତକ ଆକ୍ରମଣ ସେମାନଙ୍କୁ ମହଙ୍ଗା ପଡ଼ିଛି। ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ବୁଧବାର ୮ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାଇସିଲେଟ ଥାନା ନୂଆପାଲି ଗ୍ରାମର ସୁଶାନ୍ତ ବିଶି(୨୮), ରେମାନନ୍ଦ ଭୋଇ(୨୮), ଆନନ୍ଦ ଚନ୍ଦ୍ର ଭୋଇ(୪୦), ଧିରେନ ସାହୁ(୩୫), ନିତ୍ୟାନନ୍ଦ ମହଲା(୩୧), ନବୀନ ଭୋଇ(୪୮), ଉଗ୍ରସେନ ମହଲା, ଛିଦାପାଲି ଗ୍ରାମର ଯୁଧିଷ୍ଠିର ସାହୁ(୪୫) ଏବଂ ବଲାଙ୍ଗୀର ଜିଲା ଭରସୁଜା ଗ୍ରାମର ଅଲେଖ ପ୍ରଧାନ(୪୫)। ସେମାନଙ୍କ ବିରୋଧରେ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୫୭/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି।

ପ୍ରକାଶଥାଉକି, ଗତ ୧୦ତାରିଖରେ ନୂଆପାଲି ନିବାସୀ ତଥା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଭରସୁଜା କଲେଜର ଯୁକ୍ତ ଦୁଇ ଛାତ୍ରୀ ନୀଳନ୍ଦ୍ରୀ ସାଇକେଲ ଯୋଗେ କଲେଜରୁ ଘରକୁ ଫେରୁଥିଲେ। ଫେରିବା ବାଟରେ ଶରଧାପାଲି କଲେଜ ଆଗରେ ଏକ ଟ୍ୟାଙ୍କର (ନଂ.ଓଡ଼ି୧୫ଏଫ୍ ୨୯୭୭) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ନୀଳନ୍ଦ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେଠାକୁ ପହଞ୍ଚିଥିବା ଜଣେ ପୋଲିସ କର୍ମଚାରୀଙ୍କୁ ଉତ୍ତ୍ୟକ୍ତ ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

ବୌଦ୍ଧ,୧୬।୩ (ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରାମଚନ୍ଦ୍ରପୁର ଗ୍ରାମ ପୋଖରୀ ଉପରେ ରେଳଲାଇନ ନିର୍ମାଣକୁ ବିରୋଧ କରି ଗ୍ରାମବାସୀ ବୁଧବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ବିରାମଚନ୍ଦ୍ରପୁର ଜିଲାର ସର୍ବପୁରାତନ ଗ୍ରାମ । ରାଜରାଜୁଡା ସମୟରେ ଚାଷ ପାଇଁ ଗ୍ରାମ ଉପରମୁଣ୍ଡରେ ଏକ ବଡ ପୋଖରୀ ଖନନ କରାଯାଇଥିଲା। ଗ୍ରାମବାସୀଙ୍କ ଜଳସେଚନର ଏକମାତ୍ର ଉତ୍ସ ହେଉଛି ଏହି ବଡ ପୋଖରୀ। ଏହାର ଜଳକୁ ବିନିଯୋଗ କରି ଉଭୟ ରବି ଓ ଖରିଫ ଚାଷ କରାଯାଇଥାଏ। ଏହି ଗାଁ ସାଲୁଙ୍କି କେନାଲର ଶେଷ ମୁଣ୍ଡରେ ଥିବାରୁ କୃଷି ପାଇଁ ଜଳାଭାବ ଦେଖା ଦେଉଥିବାବେଳେ ଉକ୍ତ ପୋଖରୀରେ ପ୍ରାୟ ୨୫ଶହ ଏକର ଚାଷଜମି ଜଳସେଚିତ ହୋଇଥାଏ। ଏବେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ଉକ୍ତ ପୋଖରୀର ମଝିରେ ଯାଉଥିବାରୁ ଜଳାଶୟ ପ୍ରତି ସଙ୍କଟ ଦେଖାଦେଇଛି। ରେଳ ବିଭାଗ ଯୋଜନା ଅନୁଯାୟୀ ଜଳାଶୟକୁ ପୋତି ରେଳପଥ ତିଆରି ହେବ। ଯଦ୍ୱାରା ଜଳାଶୟ ପୋତି ହୋବା ସହ ଜଳଧାରଣ କ୍ଷମତା କମିଯାଇ ଆୟତନ ସଙ୍କୁଚିତ ହୋଇଯିବ। ଫଳରେ ଜଳାଶୟ ଉପରେ ନିର୍ଭର କରୁଥିବା ସମସ୍ତ ଚାଷ ଜମି ଆଗାମୀ ଦିନରେ ପଡିଆ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ରେଳ ବିଭାଗର ଏପରି ଯୋଜନାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏଣୁ ଜଳାଶୟର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ବିନା ପୋଲରେ ରେଳଲାଇନ ନିର୍ମାଣକୁ ମଞ୍ଜୁର ନ କରି ପୋଲ ନିର୍ମାଣ ଦିଗରେ ପଦକ୍ଷେପ ନେବା ସହ ଏହାକୁ ଗଭୀର କରିବା ପାଇଁ ଜିଲାପାଳଙ୍କୁ ଗ୍ରାମବାସୀ ଦାବି କରିଛନ୍ତି ।

# ‘ଜନକଲ୍ୟାଣ ଯୋଜନାରେ ଲୋକେ ଖୁସି ଅଛନ୍ତି’



ପ୍ରଚାର ସଭାରେ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଓ ଅନ୍ୟମାନେ।

ବଲାଙ୍ଗୀର ଅଫିସ, ୧୬।୩

ପୌର ନିର୍ବାଚନ ପାଇଁ ବଲାଙ୍ଗୀର ମ୍ୟୁନିସିପାଲିଟିରେ ବିଜେଡି ପକ୍ଷରୁ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯାଇଛି। ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଲିକା ସାହୁ ପାଇଁ ବଲାଙ୍ଗୀରରେ ବିଭିନ୍ନ ପଡାରେ ପ୍ରଚାର କରିଛନ୍ତି। ତାଙ୍କ ସହ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ ପୌରାଞ୍ଚଳର ୨୧ ନମ୍ବର ୱାର୍ଡରେ ପ୍ରଚାର କରିଥିଲେ। ବିଜେଡି ସରକାରଙ୍କ ଜନକଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଲୋକେ ଆସ୍ଥା ପ୍ରକଟ କରି ସ୍ପଷ୍ଟ ଜନାଦେଶ ଦେଇଆସୁଛନ୍ତି ବୋଲି ମନ୍ତ୍ରୀ ସିଂ କହିଥିଲେ। ପୂର୍ବତନ ମନ୍ତ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ଲୋକେ ବିଜେଡିର ବିକାଶ କାର୍ଯ୍ୟକୁ ପସନ୍ଦ କରୁଛନ୍ତି ଏଣୁ ଭୋଟ ଦେଉଛନ୍ତି ବୋଲି କହିଥିଲେ। ପୌରାଧକ୍ଷା ପ୍ରାର୍ଥୀ ସାହୁ ଆଗାମୀ ଦିନରେ ବଲାଙ୍ଗୀର ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି ଦିଗରେ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି କହିଥିଲେ। ସଭାରେ କାଉନସିଲର ପ୍ରାର୍ଥୀ ଶତୃଘ୍ନ ବାଗ ଉପସ୍ଥିତ ଥିଲେ।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀଙ୍କ ପ୍ରଚାର

ଜୁନାଗଡ,୧୬।୩(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିର ୭ ଓ ୮ ନଂ ୱାର୍ଡରେ ବୁଧବାର ବିଜେଡି ପ୍ରାର୍ଥୀଙ୍କ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମାରାଥନ୍ ପ୍ରଚାର କରିଛନ୍ତି। ମନ୍ତ୍ରୀ ମିଶ୍ରଙ୍କ ବଳିଷ୍ଠ ନେତୃତ୍ୱରେ ପଞ୍ଚାୟତ ନିର୍ବାଚନରେ ଦଳ ସଫଳତା ପାଇଥିବା ବେଳେ ଏବେ ଜୁନାଗଡ ଏନ୍‌ଏସି ଦଖଲ କରିବା ଲକ୍ଷ୍ୟରେ ରହିଛି । ଯାହାର ମଙ୍ଗ ଧରିଛନ୍ତି ମନ୍ତ୍ରୀ। ବୁଧବାର ପ୍ରଚାର ସମୟରେ ସେ ସ୍ଥାନୀୟ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ କହିବା ସହ ଜୁନାଗଡର ବିକାଶ ପାଇଁ ବିଜେଡି ହିଁ ଏକାମାତ୍ର ବିକଳ୍ପ ବୋଲି କହିଥିଲେ। ଏହି ସମୟରେ ବିଜେଡିର ଏନ୍‌ଏସି ଅଧକ୍ଷ ପ୍ରାର୍ଥୀ ମହେଶ ସାହୁଙ୍କ ସମେତ କାଉନସିଲର ମାନେ ଉପସ୍ଥିତ ଥିଲେ।

# ହିନ୍ଦୁଧର୍ମ ଗ୍ରହଣ କଲେ ମୁସଲମାନ ଯୁବତୀ

ବଲାଙ୍ଗୀର ଅଫିସ, ୧୬।୩

ବଲାଙ୍ଗୀର ଆର୍ଯ୍ୟ ସମାଜ ମନ୍ଦିରଠାରେ ବୁଧବାର ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଜଣେ ମୁସଲମାନ ଯୁବତୀ। ଯୁବତୀ ଜଣକ ହେଲେ ବରଗଡ ଜିଲା ପାଇକମାଳରେ ରହୁଥିବା ସାଇନା ବାନୋ(୨୪)। ସେ ସ୍ୱଇଚ୍ଛାରେ ଯଜ୍ଞପୂଜା ବିଧି ମାଧ୍ୟମରେ ବୈଦିକ ପରମ୍ପରା ଏବଂ ସଂସ୍କାର ମାଧ୍ୟମରେ ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସାଇନା ବାନୋରୁ ସୋନମ ଆର୍ଯ୍ୟ ପଣ୍ଡା ଭାବରେ ତାଙ୍କର ନାମକରଣ କରାଯାଇଥିବା ଆର୍ଯ୍ୟ ସମାଜର ହିତେଶ କୁମାର ସାହୁ କହିଛନ୍ତି। ସୁବ୍ରତ ବହିଦାରଙ୍କ ସଭାପତିତ୍ୱ ଓ ହିତେଶ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆନନ୍ଦ ଶାସ୍ତ୍ରୀ, କୃଷ୍ଣଦେବ ଶାସ୍ତ୍ରୀ, ସତ୍ୟବ୍ରତ ଶାସ୍ତ୍ରୀ,ରାମଚନ୍ଦ୍ର ବିଶ୍ୱାଳ, ଭାଗିରଥି ଆର୍ଯ୍ୟ, ସ୍ୱାମୀ ସନ୍ଦେଶ୍ୱ, ସୁମନ୍ତ ଆର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ହିନ୍ଦୁ ଜାଗରଣ ମଞ୍ଚ ରାଜ୍ୟ ସଂଗଠନ ମନ୍ତ୍ରୀ ତନ୍ମୟ କୁମାର ଦାଶ, ସମ୍ମାନୀତ ଅତିଥି ତୁଷାର ମହାପାତ୍ର, ରଞ୍ଜନ ପ୍ରଧାନ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ହିନ୍ଦୁ ଧର୍ମରେ ଯୋଗଦାନ କରିବା ଅବସରରେ ପୂଜାର୍ଚ୍ଚନା।

# ମର୍ଜାକୁଦରେ ବିଜେଡିର ପ୍ରଚାର ଜୋରଦାର

ବୌଦ୍ଧ,୧୬।୩(ସ୍ୱ.ପ୍ର.)



ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଓ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ନିର୍ବାଚନ ପ୍ରଚାର କରୁଛନ୍ତି ।

**ବୌଦ୍ଧରେ ଜୋର ଧରିଲା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ**

■ ପ୍ରଚାର ମଇଦାନରେ ମନ୍ତ୍ରୀ ଓ ବିଧାୟକ

ପଞ୍ଚାୟତ ନିର୍ବାଚନ ପରେ ଏବେ ଜୋର ଧରିଛି ପୌର ନିର୍ବାଚନ। ଶାସକ ଦଳ ସମସ୍ତ ଜିଲା ପରିଷଦ ଆସନ ହାତେଇବାରେ ସଫଳ ହେବା ପରେ ପୌର ପରିଷଦ ଦଖଲ ପାଇଁ ଲାଗି ପଡିଛନ୍ତି ଦଳର ନେତାଠୁ କର୍ମୀ। ବୌଦ୍ଧରେ ମଧ୍ୟ ବିଜ୍ଞାପିତ ଅଞ୍ଚଳ ପରିଷଦ ହାସଲ ଲାଗି ଶାସକ ଦଳ ପ୍ରଚାରକୁ ଜୋରଦାର କରିଛି । ଜିଲାରେ ଥିବା ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ରଣକୌଶଳ ଆରମ୍ଭ କରିଥିବା ବେଳେ ଭାଜପା ଓ କଂଗ୍ରେସ କ୍ଷମତାକୁ ଆସିଲେ କ’ଣ କରିବେ ସେ ନେଇ ଇସ୍ତାହାର ପ୍ରକାଶ କରିସାରିଲେଣି । କିନ୍ତୁ ଶାସକ ଦଳ ଜିଲାରେ ହୋଇଥିବା ବିକାଶକୁ ଆଧାର କରି ନିର୍ବାଚନ ଲଢୁଥିବା ବେଳେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ପ୍ରଚାର ଅଭିଯାନର ମଙ୍ଗ ଧରିଛନ୍ତି । ବୁଧବାର ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏଠାରେ ପ୍ରଚାରରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ମତଦାତାମାନଙ୍କୁ ନିବେଦନ କରିଥିଲେ । ସକାଳେ ମନ୍ତ୍ରୀ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୧ ନମ୍ବର ୱାର୍ଡରେ ଘର ଘର ବୁଲି ପ୍ରଚାର କରିଥିବା ବେଳେ ଅପରାହ୍ନରେ ମହାନଦୀ ଗର୍ଭରେ ଥିବା ମର୍ଜାକୁଦ ଦ୍ୱୀପକୁ ଯାଇ ପ୍ରଚାର କରିଛନ୍ତି। ମହାନଦୀ ମଧ୍ୟରେ ଜଳବନ୍ଦୀ ଜୀବନ ବିତାଉଥିବା ମର୍ଜାକୁଦବାସୀଙ୍କୁ ବିଜେଡି ପକ୍ଷରୁ ସ୍ଥାୟୀ ସେତୁ ନିର୍ମାଣ ଏକ ବଡ ଉପହାର ହୋଇଥିବା ବେଳେ ସେହି ଅଞ୍ଚଳର ବିକାଶ ଲାଗି ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇ ସାରିଥିବା ଜଣାଯାଇଛି। ମର୍ଜାକୁଦରେ ଥିବା ଦୁଇଟି ୱାର୍ଡର ସିଂହ ଭାଗ ମତଦାତା ଶାସକ ଦଳ ସମର୍ଥନରେ ରହିଥିବା ବେଳେ ବିରୋଧୀ ଦଳ ପକ୍ଷରୁ ଏହି ଭୋଟ ବ୍ୟାଙ୍କକୁ ନିଜ ସପକ୍ଷରେ ଆଣିବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଯାଉଛି। ମନ୍ତ୍ରୀ ମଲ୍ଲିକ ଓ ବିଧାୟକ ଅମାତଙ୍କ ସମେତ ଅଧକ୍ଷ ପ୍ରାର୍ଥୀ ମୃତ୍ୟୁଞ୍ଜୟ ମିଶ୍ର ଓ ଅନ୍ୟାନ୍ୟ ନେତୃବର୍ଗ ମର୍ଜାକୁଦରେ ପହଞ୍ଚିବା ପରେ ସେମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମର୍ଜାକୁଦକୁ ଏକ ବିକଶିତ ଅଞ୍ଚଳ ଭାବରେ ଗଢି ତୋଳିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେବା ସହିତ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ। ତେବେ ପ୍ରଚାର ମଇଦାନରେ ବିରୋଧୀ ଭାଜପା ମଧ୍ୟ ପଛରେ ପଡିନାହିଁ। ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରଚାର କାର୍ଯ୍ୟ ଚାଲୁଥିବା ବେଳେ ଏଥିରେ ସମସ୍ତ ଦଳୀୟ ନେତା ସାମିଲ ହୋଇଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ମିଶି ସମସ୍ତ ୱାର୍ଡରେ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ତେବେ ନିର୍ବାଚନ ପ୍ରଚାରର ଶୈଳୀ ସବୁ ଦଳ ପକ୍ଷରୁ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଛି। ମହିଳାମାନଙ୍କୁ ପ୍ରଚାର କାର୍ଯ୍ୟରେ ସବୁ ଦଳ ନିୟୋଜିତ କରୁଥିବା ଦେଖିବାକୁ ମିଳିଛି। ତେବେ କେଉଁ ଦଳ ଭୋଟରଙ୍କୁ ପ୍ରଭାବିତ କରି ନିଜ ସପକ୍ଷରେ ଆଣିପାରିବ ତାହାକୁ ନେଇ ବିଭିନ୍ନ ଦଳର ରଣ କୌଶଳ ଓ ପ୍ରତିଶ୍ରୁତିକୁ ନେଇ ରାଜନୈତିକ ମାହୋଲ ସରଗରମ ରହିଛି। ଆଗାମୀ ଦିନରେ ନିର୍ବାଚନ ଫଳାଫଳ ହିଁ କହିବ କେଉଁ ଦଳ କେତେ ଆସ୍ଥା ଭାଜନ ହୋଇପାରିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୭ ମାର୍ଚ୍ଚ, ୨୦୨୨

**କୃତୀ ଛାତ୍ର ସମ୍ବର୍ଦ୍ଧିତ**

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ସରକାରୀ ପ୍ରାଥମିକ ବିଦ୍ୟାଳୟର କୃତୀ ଛାତ୍ର ଶେଖର ପଧାନଙ୍କୁ ବିଦ୍ୟାଳୟ ତରଫରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ କୁଳମଣି ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ବୃନ୍ଦାବନ ସେଠ, ସମିତି ସଭ୍ୟ ଦେବଦତ୍ତ ଦଣ୍ଡସେନା, ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ ଅତିଥିଭାବେ ଯୋଗଦେଇଥିଲେ। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଶେଖରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ମେହେର, ସଦସ୍ୟ ଏବଂ ଅଭିଭାବକ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ପ୍ରଦ୍ୟୁମ୍ନ ସାହୁ ଇନ୍‌ଟାକ୍ ସୋନପୁରର ନୂତନ ଆବାହକ

**ବନମାଳୀ ପଣ୍ଡା ସହଆବାହକ**


ପ୍ରଦ୍ୟୁମ୍ନ ସାହୁ


ବନମାଳୀ ପଣ୍ଡା

**ସୋନପୁର,୧୬।୩(ନି. ପ୍ର):** ଐତିହ୍ୟର ସୁରକ୍ଷା ପାଇଁ ଜାତୀୟସ୍ତରରେ ସମର୍ପିତ ଅନୁଷ୍ଠାନ ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଏଣ୍ଡ କଲଚରାଲ ହେରିଟେଜ ବା ଇନଟାକର ସୋନପୁର ଚେପ୍ଟର ପାଇଁ ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଆବାହକ ଭାବେ ମନୋନୀତ ହୋଇଛନ୍ତି। ଜଣେ ଅଭିନେତା,ନାଟ୍ୟକାର, ନିର୍ଦ୍ଦେଶକ, କବି ତଥା ସଂସ୍କୃତି ସଂଗଠକ ଭାବେ ପ୍ରଦ୍ୟୁମ୍ନ ପରିଚିତ। ପୂର୍ବରୁ ଇନଟାକ ସୋନପୁର ଚେପ୍ଟରର ସହଆବାହକ ଭାବେ ଐତିହ୍ୟର ସୁରକ୍ଷା ପାଇଁ କାର୍ଯ୍ୟ ସମ୍ପାଦନ କରି ସେ ଅଭିଜ୍ଞତା ସାଉଁଟିଛନ୍ତି। ଠିକ ସେହିପରି ସହଆବାହକ ଭାବେ ମନୋନୀତ ବନମାଳୀ ପଣ୍ଡା ହେଉଛନ୍ତି ଜଣେ ସଫଳ ସଂସ୍କୃତି ସଂଗଠକ। ଇନଟାକ ସୋନପୁର ଚେପ୍ଟରର ସଭ୍ୟମାନେ ଉଭୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ଐତିହ୍ୟ ସମ୍ପନ୍ନ ସୁବର୍ଣ୍ଣପୁର ଜିଲାର ଐତିହ୍ୟର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ ଦାୟିତ୍ୱପୂର୍ଣ୍ଣଭାବେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଏହି ଅବସରରେ ଉଭୟେ ପ୍ରକାଶ କରିଛନ୍ତି।

### କୂଅରୁ ୨ନାଗସାପ ଉଦ୍ଧାର

**ଉଲୁଣ୍ଡା,୧୬।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅମୁର୍ଡା ବରପଦର ସ୍ଥିତ ଏକ କୂଅରୁ ଦୁଇଟି ନାଗସାପ ବୁଧବାର ଉଦ୍ଧାର କରାଯାଇଛି। ସକାଳ ୯ଟାରେ ଉକ୍ତ କୂଅକୁ କେତେଜଣ ଲୋକ ପାଣି ଆଣିବାକୁ ଯାଇଥିବା ବେଳେ ନାଗ ସାପ ପଡ଼ିଥିବା ଦେଖିଥିଲେ। ଖବର ପାଇ ସୋନପୁର ସ୍ନେକ ହେଲ୍ପଲାଇନ, ଉଲୁଣ୍ଡା ଅଗ୍ନିଶମ ବିଭାଗ ଏବଂ ବନବିଭାଗ କୂଅରୁ ନାଗ ସାପ ଦୁଇଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ପରେ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି।

### ଡିଗ୍ରୀ କଲେଜରେ ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ

**ଦେଓଗାଁ,୧୬।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବିଶ୍ୱବ୍ୟାଙ୍କ ଆନୁକୂଲ୍ୟରେ ବୁଧବାର ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ୟାରିୟର ଏକାଡେମୀ ନିର୍ଦ୍ଦେଶକ ଇଂ.ରଞ୍ଜନ କୁମାର ମେହେର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ କିଭଳି ଭାବରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ ତାହା ଉପରେ ମାର୍ଗଦର୍ଶନ କରିଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ଡ. ସୁରେଶ ପ୍ରସାଦ ଷଡଙ୍ଗୀ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରମାନେ ଇଂଲିଶ ଭାଷାରେ ଦକ୍ଷତା ହାସଲ କରିବା ପାଇଁ ଉପଦେଶ ଦେଇଥିଲେ। ବୃତ୍ତିଗତ ତାଲିମ ମୁଖ୍ୟ ମଣ୍ଟୁରଞ୍ଜନ ସା କାର୍ଯ୍ୟକ୍ରମ ପରିଚାଳନା, ବିଶ୍ୱବ୍ୟାଙ୍କ ସଂଯୋଜକ ମହେଶ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ପଦ୍ମପୁର ଏନ୍‌ଏସି ଭ୍ରଷ୍ଟାଚାରମୁକ୍ତ ହେବ

**ପଦ୍ମପୁର ୧୬।୩ (ଡିଏନଏ):** ବରଗଡ ଜିଲା ପଦ୍ମପୁର ଏନ୍‌ଏସିକୁ ଭ୍ରଷ୍ଟାଚାର ମୁକ୍ତ କରାଯିବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ଅଧକ୍ଷା ପ୍ରାର୍ଥିନୀ ରଞ୍ଜୁ ସେଠ ମତବ୍ୟକ୍ତ କରିଛନ୍ତି। ଖବରଦାତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ପଦ୍ମପୁର ସହରରେ ପାନୀୟ ଜଳ ସମସ୍ୟା ରହିଛି। ନଗରବାସୀ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ପ୍ରଥମେ ସହରର ପାନୀୟ ଜଳ ସମସ୍ୟା ଦୂର କରାଯିବ। ଦୀର୍ଘବର୍ଷ ଧରି ସହରରେ ବସବାସ କରୁଥିବା ଭୂମିହୀନ ପରିବାରକୁ ୪ ଡେସିମିଲ ଲେଖାଏଁ ଘରଡିହ ପ୍ରଦାନ, ପ୍ରତି ୱାର୍ଡରେ ଚାଉଳ ବଣ୍ଟନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଭତ୍ତା ପ୍ରଦାନ, ବନ୍ଧ କଟାର ପୁନରୁଦ୍ଧାର କରାଯିବ ବୋଲି ସେଠ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିପରି ଏନ୍‌ଏସିକୁ ପିସି ମୁକ୍ତ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ ଆସୁଥିବା ଅନୁଦାନ ଅର୍ଥର ସଦ୍‌ବିନିଯୋଗ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ପଦ୍ମପୁର ନଗର ଛାତ୍ର ବିଜେଡି ସଭାପତି ରୋହିତ ସେଠ ଭାଜପାରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ତଥା ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ନଗର ଭାଜପା ସଭାପତି ସୁନୀଲ ଅଗ୍ରୱାଲ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତେଶ ବହିଦାର, ରାଜୁ ଘିବେଲା, ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୮ମାସ ପାଣି ଘେରରେ ୪ ମାସ ଜଳକଷ୍ଟ

**ଠୋଙ୍ଗୋରୋମାଲ ଗାଁ**

**ନୂଆପଡ଼ା ଅଫିସ୍,୧୬।୩**

ନୂଆପଡ଼ା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ଠୋଙ୍ଗୋରୋମାଲ ଗାଁ ଲୋକେ ୮ମାସ ପାଣି ଘେରରେ ରହୁଥିବାବେଳେ ୪ମାସ ପାଣି କଷ୍ଟରେ ରହନ୍ତି। ତରବୋଡ ଓ ଠୋଙ୍ଗୋରୋମାଲ ଗାଁ ମଧ୍ୟ ଭାଗରେ ସୁନ୍ଦର ନଦୀ ପ୍ରବାହିତ। ସୁନ୍ଦର ନଦୀର ତଳମୁଣ୍ଡା ଜଡାମୁଣ୍ଡାଠାରେ ଏକ ଡ୍ୟାମ ନିର୍ମାଣ କରାଯାଇଛି। ଜଡାମୁଣ୍ଡା ସୁନ୍ଦର ଜଳସେଚନ ପ୍ରକଳ୍ପ ନାମରେ ନାମିତ ହୋଇଛି। ବର୍ଷା ଦିନେ ବର୍ଷାପାଣି ନଦୀରେ ବୋହି ଯାଇ ସୁନ୍ଦର ଜଳସେଚନ ପ୍ରକଳ୍ପରେ ଭର୍ତ୍ତି ହୋଇଯାଏ। ନଦୀରେ ପାଣି ଭରି ରହୁଥିବାରୁ ଠୋଙ୍ଗୋରୋମାଲ, ପଟେଲପଡା, ଲରିଆପଡା, ଜାନିପଡା, କରଙ୍ଗାମାଲ, ବାଗମୁଣ୍ଡା, ଦିଆମୁଣ୍ଡା, ଝିପାବାହାଲ, ଭାଲୁକୋନା ଆଦି ଗାଁ ଲୋକଙ୍କୁ ଯାତାୟାତରେ ଅସୁବିଧାର ସମ୍ମୁଖିନ ହେବାକୁ ପଡେ। ସେହି ନଦୀରେ ଡଙ୍ଗାର ମଧ୍ୟ ବ୍ୟବସ୍ଥା ନାହିଁ। ସୁନ୍ଦର ଜଳସେଚନ ପ୍ରକଳ୍ପ ପାଣିରେ ଖରିଫ୍ ଓ ରବି ଫସଲ ହୋଇଥାଏ। ଚାଷ ପାଇଁ କେନାଲ ପାଣି ଛାଡିଲେ ନଦୀର ପାଣିସ୍ତର ଧିରେ ଧିରେ କମିବାରେ ଲାଗେ। ସମ୍ପୂର୍ଣ୍ଣ ଶୁଖିବା ପାଇଁ ପ୍ରାୟ ୮ ମାସ ଲାଗିଯାଏ। ଉପରୋକ୍ତ ଗାଁଗୁଡ଼ିକୁ ୨ କି.ମି ପରିବର୍ତ୍ତେ ୧୦କିମି ଅନ୍ୟତ୍ର ବୁଲି କି ଯିବାକୁ ହୁଏ। ଏହି ଗାଁଗୁଡ଼ିକର ମୁଖ୍ୟ ସ୍ଥାନ ହେଉଛି ତରବୋଡ। ସ୍ୱାସ୍ଥ୍ୟକେନ୍ଦ୍ର, ସାପ୍ତାହିକ ହାଟ, ବସଷ୍ଟାଣ୍ଡ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ତରବୋଡ ଉପରେ ନିର୍ଭର କରି ଚଳନ୍ତି। ଠୋଙ୍ଗୋରୋମାଲ ଦେଇ ତରବୋଡକୁ ଆସିଲେ ୨ କି.ମି ଦୂରତା। ହେଲେ ୮ମାସ ପାଣି ରହୁଥିବାରୁ ହାତୀସରା କିମ୍ବା କରଙ୍ଗାଭଟା ବଂଜାରୀ ଦେଇ ବୁଲି ଆସିବାକୁ ପଡୁଛି। ଦୀର୍ଘଦିନରୁ ଠୋଙ୍ଗୋରୋମାଲ ଓ ତରବୋଡ ମଧ୍ୟଭାଗରେ ପୋଲ ନିର୍ମାଣ ପାଇଁ ଦାବିକରି ଆସୁଥିଲେ ମଧ୍ୟ କୌଣସି ପଦାଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଅଗଷ୍ଟରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପାଣି ରହୁଥିବା ବେଳେ ଅପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ଶୁଖା ହୋଇ ରହେ। ଠୋଙ୍ଗୋରୋମାଲ ଅଞ୍ଚଳ ପାଇଁ ପାଣିର ବିକଳ୍ପ ବ୍ୟବସ୍ଥା ନ ଥିବାରୁ ସେହି ନଦୀ ପାଣି ଉପରେ ନିର୍ଭର କରି ଚଳନ୍ତି। ସ୍ନାନ, ଶୋଚଠାରୁ ଆରମ୍ଭ କରି ଖାଇବା ପାଇଁ ମଧ୍ୟ ସେହି ପାଣି ବ୍ୟବହାର କରନ୍ତି। ନଦୀ ଶୁଖି ଗଲେ ୪ ମାସ ପାଣି ପାଇଁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼େ। ଏହି ଗାଁଗୁଡ଼ିକୁ ପାଣି ଓ ରାସ୍ତା ଅଭିଶାପ ପାଲଟିଛି। ରାସ୍ତା ହେଲେ ପାଣି ନାହିଁ। ପାଣି ହେଲେ ରସ୍ତା ନାହିଁ। ସେହିପରି ଠୋଙ୍ଗୋରୋମାଲ ଓ ଲରିଆପଡା ମଝିରେ କେବେଡା ନାଳ ପଡ଼େ। ବର୍ଷାଦିନେ ସେହି ରାସ୍ତା ଦେଇ ଗଲେ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼େ। ଦୀର୍ଘ ଦିନ ଦାବି କଲାପରେ ପୋଲ କାମ ଅଧାପନ୍ତରିଆ କରି ଛାଡି ଦେଇଥିଲେ। ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ କେହି ଶୁଣୁ ନ ଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି ଅଞ୍ଚଳବାସୀଙ୍କୁ ନେଇ ୧୮ ଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲା ପରେ ପୋଲ ସମ୍ପୂର୍ଣ୍ଣ ହୋଇଛି। ଏସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ରଣାଙ୍କୁ ପଚାରିବାରୁ କହିଲେ, ନୂତନ ଭାବରେ ଯୋଗ ଦେଇଛି। ନିଜେ ଯାଇ ଦେଖି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।


ପାଣି ରହୁଥିବା ସୁନ୍ଦର ନଦୀ।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ଲାଗି ସଚେତନତା



କଳାକାରମାନେ ଜଙ୍ଗଲ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**ଲାଠୋର, ୧୬।୩(ଡି.ଏନ.ଏ.)**

ଗ୍ରୀଷ୍ମଋତୁରେ ଜଙ୍ଗଲରେ ନିଆଁ ଲାଗି ଧ୍ୱଂସ ହୋଇଯାଇଥାଏ। ଏଥିରେ ରୋକ ଲଗାଇବା ପାଇଁ ବନ ବିଭାଗ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମମାନ ହାତକୁ ନିଆ ଯାଉଛି। ବୁଧବାର ଲାଠୋର ରେଞ୍ଜର ପ୍ରଭାତୀ ସେଠଙ୍କ ନେତୃତ୍ୱରେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅତିଥିଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ମାଲପଡ଼ା ସରପଞ୍ଚ ଗୋପାଳ ମେହେର, ମହାବିଦ୍ୟାଳୟ ଅଧକ୍ଷ ପ୍ରଶ୍ନ ଦାସ, ତୁରେକେଲା ବିଡିଓ ଦେବାଶିଷ ସାମଲ, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ଫାୟାର ଅଫିସର ଚୂଡ଼ାମଣି ପିଙ୍ଗ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରମାନେ ଜଲପାଙ୍କେଲ ଗ୍ରାମଠାରୁ ଜଙ୍ଗଲ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ପଦଯାତ୍ରାରେ ମହାବିଦ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଅତିଥିମାନେ କହିଥିଲେ ଯେ, ଜନସାଧାରଣ ଏବଂ ବନ ବିଭାଗ ମିଳିତ ଭାବେ ଜଙ୍ଗଲ ସୁରକ୍ଷା ଉପରେ କାର୍ଯ୍ୟ କରିବାକୁ ହେବ। ବିଶେଷ କରି ମହୁଲ ଫୁଲ ଗୋଟାଳିଙ୍କୁ ସଚେତନ କଲେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ହେବ ଏବଂ ବନରାଜି ସୁରକ୍ଷିତ ରହିବ ବୋଲି ମତବ୍ୟକ୍ତ କରିଥିଲେ। ପରେ କୃଷ୍ଣପ୍ରିୟା କଳା ପରିଷଦ ତୁଷୁରାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଉପରେ ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ବନପାଳ ସାଗରିକା ସେଠ କାର୍ଯ୍ୟକ୍ରମ ପରିଚାଳନା ଓ ବନରକ୍ଷୀ ଇନ୍ଦ୍ରମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡ଼ିଆଳ ଏନଏସି ନିର୍ବାଚନ: ବିଜେଡିର ଜୋରଦାର୍ ପ୍ରଚାର

**ଖଡ଼ିଆଳ ୧୬।୩(ଡି.ଏନ.ଏ.)**

ନିର୍ବାଚନ ଯେତିକି ପାଖେଇ ଆସୁଛି, ନୂଆପଡା ଜିଲା ଖଡିଆଳ ଏନଏସିରେ ନିର୍ବାଚନ ପ୍ରଚାର ସେତିକି ଜୋରଦାର୍ ହେବାରେ ଲାଗିଛି। ତିନି ପ୍ରମୁଖ ଦଳ ଏବଂ ଦୁଇ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାରରେ ଖଡିଆଳ ସହର ଉଠୁଛି ପଡୁଛି। ଏସବୁ ମଧରେ ଖଡିଆଳ ଏନଏସିର ୱାର୍ଡ ୧ ମୁକ୍ତାପୁରରେ ବୁଧବାର ବିଜେଡି ପ୍ରାର୍ଥୀ ମୁଲଚନ୍ଦ ସିଂଘାଲ ଜୋରଦାର ପ୍ରଚାର କରିଛନ୍ତି। ଏହି ନିର୍ବାଚନ ପ୍ରଚାରରେ ବିଜେଡି ଜିଲା ସଭାପତି ମନୋଜ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ପୂର୍ବତନ ଏନଏସି ଅଧକ୍ଷା ଖୁଲଣା ବେହେରା, ଜିଲା ପରିଷଦ ସଭ୍ୟ ଚିତ୍ତରଜଂନ ବେହେରା, ଯୁବନେତା ମନୋଜ ଦୀପ ଏବଂ ନଗର ସଭାପତି ଦୀପକ ଖମାରୀଙ୍କ ସମେତ ଶତାଧିକ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇ ଏକ ଶୋଭାଯାତ୍ରା ମାଧ୍ୟମରେ ମୁକ୍ତାପୁରରେ ଘର ଘର ବୁଲି ଅଧକ୍ଷ ପ୍ରାର୍ଥୀ ମୁଲଚନ୍ଦ ସିଂଘାଲ ଏବଂ କାଉନସିଲର ପ୍ରାର୍ଥୀ ସୁଚିସ୍ମିତା ମହାରଣାଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ।


ଖଡିଆଳ ଏନଏସିରେ ପ୍ରଚାର ଚାଲିଛି।

## ପୌର ନିର୍ବାଚନ ପରିଚାଳନା ତାଲିମ ଶିବିର

**ତାଲିମ ନେଲେ ୧୨୦ ଅଧିକାରୀ**

**ସୋନପୁର, ୧୬।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ବିନିକା ଓ ତରଭା ଏନଏସିରେ ନିର୍ବାଚନ ପରିଚାଳନା ପାଇଁ ବୁଧବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ତାରିଖରେ ହେବାକୁ ଥିବା ଭୋଟଗ୍ରହଣ ପାଇଁ ୩ ଗୋଟି ପୌରାଞ୍ଚଳର ସମୁଦାୟ ୩୯ ୱାର୍ଡର ୪୮ଟି ଭୋଟ ଗ୍ରହଣ କେନ୍ଦ୍ର ପାଇଁ ଆବଶ୍ୟକ ୧୨୦ ଜଣ ସେକ୍ଟର ଅଫିସର, ପ୍ରିଜାଇଡିଙ୍ଗ ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ନେଇ ଏହି ତାଲିମ ଶିବିର ସୋନପୁର ଟାଉନ ହଲଠାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୂର୍ଯ୍ୟ ନାରାୟଣ ଦାଶ, ଡ଼ିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବିନିକା ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ସୂର୍ଯ୍ୟଂଶୁ ରୁଟ ଉପସ୍ଥିତି ଥିଲେ। ମାଷ୍ଟର ଟ୍ରେନର ଜିଲା ପଞ୍ଚାୟତ ଅଧିକାରୀ ଅମୂଲ୍ୟ କୁମାର ନନ୍ଦ ପାୱାର ପଏଣ୍ଟ ଜରିଆରେ ଇଭିଏମରେ ଭୋଟ ଗ୍ରହଣ ପଦ୍ଧତିର ଡେମୋ ତଥା ଟେଣ୍ଡର ଭୋଟ ଏବଂ ଚ୍ୟାଲେଞ୍ଜ ଭୋଟ ପାଇଁ ଆବଶ୍ୟକ ନିୟମାବଳୀ ଓ ଭୋଟିଙ୍ଗ ପକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ମାଷ୍ଟର ଟ୍ରେନର ଶଶୀଭୂଷଣ ପ୍ରଧାନ, ଶ୍ରୀକୁମାର ରଥ, ଦେବାଶିଷ ଭୁଁୟା ପ୍ରମୁଖ ନିର୍ବାଚନ ପରିଚାଳନା ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ପୌର ନିର୍ବାଚନ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ (ସାଧାରଣ ) ନିଶି ପୁନମ ମିଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ସାଧାରଣ ଓ ବିବିଧ ଶାଖା ସୂର୍ଯ୍ୟମଣୀ ଭୋଇ ସହଯୋଗ କରିଥିଲେ।


ଶିବିରରେ ଅଧିକାରୀମାନେ ତାଲିମ ନେଉଛନ୍ତି।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ନୂଆପଡା ଅଫିସ୍, ୧୬ ।୩**

ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ ରୋୟଲ କ୍ଲବ ଗନିଆରୀ ଆନୁକୂଲ୍ୟରେ ୟୁନିସେଫ ଓଡିଶାର ସହଯୋଗରେ ଶିଶୁ ସୁରକ୍ଷା ଜନସଚେତନତା କାର୍ଯ୍ୟକ୍ରମ ଆଧାରିତ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନୂଆପଡା ଜିଲାର ୪୦ଟି ଗ୍ରାମରେ କରାଯିବ। ଏହି ପଥପ୍ରାନ୍ତ ନାଟକ ମାଧ୍ୟମରେ କରୋନା ସଚେତନତା,ବାଲ୍ୟବିବାହ ବନ୍ଦ କରିବା, ଶିଶୁ ସୁରକ୍ଷା, ଦାଦନ ସମସ୍ୟାର ସମାଧାନ ପାଇଁ ନାଟକ କରାଯାଇଛି। ରୋୟଲ କ୍ଲବ ଗନିଆରୀର ସଦସ୍ୟମାନେ ବିଭିନ୍ନ ଭୂମିକାରେ ଅଂଶ ଗ୍ରହଣ କରିଛନ୍ତି। ବାପା ଭୂମିକାରେ ରଞ୍ଜନ ଛତ୍ରିଆ, ମା' ଭୂମିକାରେ ଚୌବନ ଦୀପ, ଝିଅ ଭୂମିକାରେ ଅଞ୍ଜଳୀ ଶବର, କାକା ଭୂମିକାରେ ପ୍ରତାପ କାଣ୍ଡ, ପୋଲିସ ଅଫିସର ଭୂମିକାରେ ମହେଶ୍ୱର ହଂସ ଓ ଇଟା ଭାଟି ମାଲିକ ଭୂମିକାରେ ରିଙ୍କୁ ହଂସ ଅଭିନୟ କରି ଗାଁଗାଁରେ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟିକେଶ୍ୱର ହଂସ, ବିଶାଖା ହରିଜନ, ଜନକ ରାମ ପାଣ୍ଡେ, ଭାରତୀ ଭୋଇ, ମୁକେଶ ପାଣ୍ଡେ, କବିତା ଶବର ପ୍ରମୁଖ ସହଯୋଗ କରିଛନ୍ତି ।



ରୋୟଲ କ୍ଲବର ସଦସ୍ୟମାନେ ଅଭିନୟ କରୁଛନ୍ତି ।

## ରତନପୁରରେ ଅଗ୍ନିକାଣ୍ଡ

**ଦେଓଗାଁ,୧୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରତନପୁର ଗାଁରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବ୍ୟକ୍ତିଙ୍କ ଘର ଜଳି ଯାଇଛି। ବିପନ୍ନ ଗ୍ରାମବାସୀ ହେଲେ ଦୁଃଖୁ ରାଉତ। ତାଙ୍କ ଘରେ ପାଖଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଶର୍ଟ ହୋଇ ପ୍ରଥମେ ପାଖରେ ଥିବା ଗାଈଗୁହାଳରେ ନିଆଁ ଲାଗିଯାଇଥିଲା। ଦିନବେଳା ଥିବାରୁ ଗୁହାଳରେ ଗୋରୁ ନଥିଲେ । ପରେ ଏହି ନିଆଁବ୍ୟାପୀ ତାଙ୍କ ବାସଗୃହରେ ଲାଗିଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ୨ବସ୍ତା ଚାଉଳ, ଘରେଥିବା ଟଙ୍କା, ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ଦୁଃଖୁଙ୍କ ପୁଅ ଅମିତ କହିଛନ୍ତି । ଝୁଲି ରହିଥିବା ତାରକୁ ନେଇ ବିଭାଗରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ କର୍ଣ୍ଣପାତ ନ କରିବାରୁ ଏପରି ହୋଇଥିବା ଘର ମାଲିକ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି । ଦେଓଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଲାଗିଥିବା ନିଆଁକୁ ଆୟତ୍ତ କରିଥିଲା।

## ଦେଶଫାଲ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**ଉଲୁଣ୍ଡା, ୧୬।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ପଡିଆରେ ବୁଧବାର ସନ୍ଧ୍ୟାରେ ତୃତୀୟ ଦେଶଫାଲ ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ତିନିଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ ସଭାପତି ପଦ୍ମଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପ୍ରଫେସର ଡ. କେଦାର ନାଥ ମିଶ୍ର, ପ୍ରଫେସର ଡ. ରାମେଶ୍ୱର ନାଏକ, ପ୍ରଫେସର ଡ. ହିମାଂଶୁ ଶେଖର ପାଢୀ, ଡ. ଅନିରୁଦ୍ଧ କୁରକୁରିଆ, ସୁଦାମ ନାଏକ ସମ୍ମାନୀତ ଅତିଥି ଏବଂ ପ୍ରଫେସର ଡ. ସନ୍ତୋଷ କୁମାର ପାଢୀ ମୂଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ଦେଶଫାଲ ଗୌରବ ସମ୍ମାନ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଚିତ୍ତରଞ୍ଜନ ଦାଶଙ୍କୁ ପ୍ରଦାନ କରାଯାଇଛି। ମାତ୍ର ନ୍ୟାୟାଧୀଶ ଦାଶ ଅନୁପସ୍ଥିତ ରହିଥିବାରୁ ବୈକୁଣ୍ଠ ଶତପଥୀ ଏହି ମାନପତ୍ର ଗ୍ରହଣ କରିଥିଲେ। ଯୁଗଳ କିଶୋର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ଦ୍ୱିତିକୃଷ୍ଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ଉପସଭାପତି ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାର ସକାଳୁ ଏହି ଅବସରରେ ଆୟୋଜକ ଅନୁଷ୍ଠାନ ସଦସ୍ୟଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା।

## ପୂର୍ବତନ ସରପଞ୍ଚ ଜୟଶ୍ରୀ ନାଏକଙ୍କ ପରଲୋକ

**କର୍ଲାମୁଣ୍ଡା,୧୬।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟଶ୍ରୀ ନାଏକ(୪୩)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୨୦୧୨ରୁ ୨୦୧୭ମସିହା ପର୍ଯ୍ୟନ୍ତ ସେ ତେରେସିଂହା ପଞ୍ଚାୟତର ପ୍ରଥମ ମହିଳା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ । ଜୟଶ୍ରୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ପରଲୋକ ଖବର ପାଇବା ପରେ ତେରେସିଂହା ଓ କର୍ଲାମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସ୍ୱଚ୍ଛ ଭାରତ ମିଶନ ବାଟବଣା

**ବିନିକା ବ୍ଲକ**
- ସବୁ ପରିବାରକୁ ମିଳିନି ପାଇଖାନା
- ରାସ୍ତାଘାଟ ପାଲଟୁଛି ଖୋଲା ଶୌଚାଳୟ

**ବିନିକା,୧୬।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ବାଟବଣା ହୋଇଛି। ଏଠାରେ ସ୍ୱଚ୍ଛ ଭାରତ ମିଶନରେ ପରିବାରର ଆବଶ୍ୟକତା ଅନୁଯାୟୀ ସମସ୍ତଙ୍କୁ ଏ ଯାଏ ପାଇଖାନା ଯୋଗାଇ ଦିଆଯାଇ ପାରିନି। ଫଳତଃ ସେମାନେ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ବି ପାଇଖାନା ପାଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ସଚେତନତା ଅଭାବରୁ ଏହାକୁ ବ୍ୟବହାର ନ କରି ରାସ୍ତା ପାର୍ଶ୍ୱରେ ଖୋଲାରେ ଶୌଚ କରୁଛନ୍ତି। ଏଥିଯୋଗୁ ଗ୍ରାମାଞ୍ଚଳ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଅରିଗାଁ-ରାମପୁର, ବାଉଁଶୁଣୀ-ନାଗପାଲି, କୌଡିଆମୁଣ୍ଡା-ତେଲିପାଲି କେନାଲ ରାସ୍ତା, ସିଂଘିଯୁବା-ଦେଶୁଂପଦର ପ୍ରଧାନମନ୍ତ୍ରୀ ରାସ୍ତା, କଇଁତରା-କଣ୍ଟାପାଲି ରାସ୍ତା ଓ କଣ୍ଟାପାଲି-ଘଣ୍ଟୋପାଲି ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ଏବେ ଏହିପ୍ରକାରେ ଯାତାୟାତ ପାଇଁ ଲୋକେ ଅସୁଖ ମଣୁଛନ୍ତି।

ବିନିକା ବ୍ଲକ ଜଳ ଏବଂ ପରିମଳ ବିଭାଗ ସୂଚନା ଅନୁଯାୟୀ ୨୦୨୦-୨୧ ଯାଏ ବିନିକା ବ୍ଲକର ୨୩ ହଜାର ପରିବାରର ପ୍ରାୟ ୧ଲକ୍ଷ ୪୦ହଜାର ଲୋକ ବସବାସ କରୁଛନ୍ତି। ଏହି ସମୟ ମଧରେ ବିଭାଗ ତରଫରୁ ୧୯ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ପାଇଖାନା ପ୍ରଦାନ କରାଯାଇଛି। ଅବଶିଷ୍ଟ ଶତାଧିକ ପରିବାର ଏବେ ବି ପାଇଖାନା ପାଇବାରୁ ବଞ୍ଚିତ ରହିଛନ୍ତି। ପରିମଳ ବ୍ୟବସ୍ଥା ସୁଦୃଢ କରିବା ପାଇଁ ସରକାର ଅଜସ୍ର ଅର୍ଥ ବ୍ୟୟ କରିବା ସହ ସଚେତନତା କାର୍ଯ୍ୟକ୍ରମମାନ କରୁଛନ୍ତି। ମାତ୍ର ପରିମଳ ବ୍ୟବସ୍ଥ୍ୟ ସୁଧୁରୁନି । ଏଥିସହିତ ଗାଁରେ କାର୍ଯ୍ୟରତ ଗାଁ କଲ୍ୟାଣ ସମିତି ମଧ ଏ ଦିଗରେ ସେତେଟା ସକ୍ରିୟତା ପ୍ରକାଶ କରୁ ନ ଥିବାରୁ ପରିସ୍ଥିତି ଅଧିକ ଜଟିଳ ହେଉଛି। ଏ ନେଇ ବ୍ଲକ ଆର୍‌ଡବ୍ଲୁଏସ୍‌ଏସ୍ ଇନଚାର୍ଜ ସତ୍ୟବ୍ରତ ବାଲାଙ୍କୁ ପଚାରିବାରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ସଭା, ସମିତି ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି। ଆବଶ୍ୟକସ୍ଥଳେ ତାଗିଦ କରାଯାଉଥିବା କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୭ ମାର୍ଚ୍ଚ, ୨୦୨୨



**ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ**

କନ୍ଧମାଳ/ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦେଉଳି ତେଲନଦୀ କୂଳ ନିକଟରେ ନିର୍ମାଣାଧୀନ ରେଲୱେ ବ୍ରିଜ ନିକଟରୁ ବୁଧବାର ସନ୍ଧ୍ୟାରେ ଏକ ମୃତଦେହ ଜବତ ହୋଇଛି । ମୃତକ ହେଲେ କନ୍ଧସର କାଲସା(୨୬) । ତାଙ୍କ ଘର କନ୍ଧମାଳ ବ୍ଲକ ନାରାୟଣ ପ୍ରସାଦ ପଞ୍ଚାୟତ ସିଲେଇମାଳ ଗାଁରେ ବୋଲି ଜଣାଯାଇଛି । ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । କନ୍ଧସର ଉକ୍ତ ବ୍ରିଜର ନିର୍ମାଣ କାମରେ ନିୟୋଜିତ ଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ଘଟିଛି ଜଣା ପଡି ନ ଥିବା ବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ।

## ସଂକ୍ଷେପରେ

### ସୁଜିତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଫ୍ଲଡ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

ସୋନପୁର,୧୬।୩(ନି.ପ୍ର.): ୧୬ ତମ ସୁଜିତ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସମଲେଶ୍ୱରୀ ସ୍ପୋର୍ଟିଂ ଘୋଡାଘାଟପଡା ପକ୍ଷରୁ ପ୍ରଥମ ଥର ପାଇଁ ସୋନପୁର କଲେଜ ପଡିଆରେ ଏହି ଫ୍ଲଡ ଲାଇଟ କ୍ରିକେଟ୍ ଟୁର୍ନାମେଣ୍ଟର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ଏମବିକେସିସି ଖାରୀ ଓ ଭଗବତୀ ସ୍ପୋର୍ଟିଂ ସୋନପୁର ମଧରେ ହୋଇଥିଲା। ଖାରୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ଖେଳ ଜାରି ରହିଛି। ୭ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଉଭୟ ଦଳର ୮ ଜଣ ଲେଖାଏଁ ଖେଳାଳି ରହିବେ । ପ୍ରତ୍ୟହ ରାତିରେ ୭ଟି ମ୍ୟାଚ୍ ଖେଳାଯିବ। ଆସନ୍ତା ୨୦ ତାରିଖ ରାତିରେ ଟୁର୍ନାମେଣ୍ଟର ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଦିଲ୍ଲିପ ଗୁରୁ, ରଘୁନାଥ ସାହୁ ଓ ବାପୁଜୀ କ୍ଲବର ସଭାପତି ଶିବ ପ୍ରସାଦ ଗୁରୁ ଯୋଗଦାନ କରିଥିଲେ। ସହରରେ ପ୍ରଥମ ଥର ପାଇଁ ଫ୍ଲଡ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଥିବାରୁ କ୍ରୀଡାପ୍ରେମୀ ମଜା ଉଠାଉଛନ୍ତି ।

### ବୋଲେରୋ ସହ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

କୋକସରା,୧୬।୩(ଡି.ଏନ.ଏ.): ମଙ୍ଗଳବାର ବିଳମ୍ବିତ ରାତିରେ ଅବକାରୀ ମୋବାଇଲ ଟିମ୍ ଜୟପାଟଣା ବ୍ଲକ ମହୁଲପାଟଣା ଘାଟି ନିକଟରେ ଚଢାଉ କରି ଏକ ବୋଲେରୋରୁ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛନ୍ତି । କୋରାପୁଟ ଅଞ୍ଚଳରୁ କଳାହାଣ୍ଡି ପଟେ ଏକ ବୋଲେରୋ (ନଂ ଓ ୦୮ ସି ୪୨୮୪ )ରେ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭବାନୀପାଟଣା ଓ ଜୟପାଟଣା ଅବକାରୀ ବିଭାଗର ମିଳିତ ଟିମ୍ ମହୁଲପାଟଣା ଘାଟିରେ ଛକି ରହିଥିଲେ। ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ବୋଲେରୋ ଡ୍ରାଇଭର ସମେତ ଅନ୍ୟମାନେ ଗାଡି ଛାଡି ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ କର୍ମଚାରୀ ପିଛା କରିଥିଲେ ସୁଦ୍ଧା ଜଙ୍ଗଲ ରାସ୍ତା ଦେଇ ସେମାନେ ଫେରାର ମାରିବାରେ ସଫଳ ହୋଇଥିଲେ। ତେବେ କର୍ମଚାରୀମାନେ ବୋଲେରୋ ସହ ଗାଡିରେ ଥିବା ଗଞ୍ଜେଇକୁ ଜବତ କରିଥିଲେ। ୩ କୁଇଣ୍ଟାଲ ୨୦ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ତେବେ ଜବତ ବୋଲେରୋ କାହାର ଓ ଏହି ଚୋରା ଚାଲାଣ ଘଟଣାରେ କିଏ ମାଷ୍ଟର ମାଇଣ୍ଡ ତାହା ସ୍ପଷ୍ଟ କରିନାହିଁ ଅବକାରୀ ବିଭାଗ। ଏ ସମ୍ପର୍କରେ ତଦନ୍ତ ପରେ ଜଣାପଡିବ ବୋଲି କଳାହାଣ୍ଡି ଜିଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦଣ୍ଡପାଣି ବେହେରା ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣାରେ ୱାର୍ଡମେମ୍ବର ମୃତ

ଖଡ଼ିଆଳ,୧୬।୩ (ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଦୋହେଲପଡା ପଞ୍ଚାୟତର ୯ ନମ୍ବର ୱାର୍ଡର ୱାର୍ଡ଼ମେମ୍ବର ଛେଲିଆ ଦଣ୍ଡସେନା ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ଘର ଖଡ଼ିଆଳ ଥାନା ଚାନ୍ଦେଲ ଗାଁରେ ବୋଲି ଜଣାପଡିଛି। ମଙ୍ଗଳବାର କୌଣସି କାମରେ ଏକ ବାଇକ୍‌ରେ ଅନ୍ୟ ୩ ଜଣଙ୍କ ସହ ନିଜ ଗାଁ ଚାନ୍ଦେଲରୁ ବହଲପଦରକୁ ଯାଉଥିବାବେଳେ ଭାରାସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ସମୟରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଖଡିଆଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛି।

# ରେଳ ଉନ୍ନୟନ କାର୍ଯ୍ୟ ନିରୀକ୍ଷଣ

**ବଲାଙ୍ଗୀର ଗସ୍ତରେ ପୂର୍ବତଟ ରେଲ୍‌ୱେ ମହାପ୍ରବନ୍ଧକ**

- ବିଧାୟକ ନରସିଂହ ମିଶ୍ର, ଡ. ମୁକେଶ ମହାଲିଙ୍ଗଙ୍କ ସହ କଲେ ଆଲୋଚନା
- ବିଭିନ୍ନ ସଙ୍ଗଠନ, କମିଟି ପ୍ରତିନିଧିଙ୍କୁ ଭେଟି ଦାବିପତ୍ର ଗ୍ରହଣ କଲେ
- ରେଳଷ୍ଟେଶନ୍‌ରେ ସିସିଟିଭି ବ୍ୟବସ୍ଥା ଲୋକାର୍ପଣ କଲେ

ବଲାଙ୍ଗୀର ଅଫିସ,୧୬।୩



ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ, ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସହ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଆଲୋଚନା କରୁଛନ୍ତି ।

ଦକ୍ଷିଣ-ପୂର୍ବ ଏବଂ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ ବୁଧବାର ବଲାଙ୍ଗୀର ଗସ୍ତରେ ଆସି ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ-ସମ୍ବଲପୁର ସେକ୍ସନର ବାର୍ଷିକ ନିରୀକ୍ଷଣ କରିଥିଲେ। ତାଙ୍କ ସହ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ପୂର୍ବତଟ ରେଳପଥର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।

ମଧ୍ୟାହ୍ନ ୧୨ଟାରେ ବଲାଙ୍ଗୀର ରେଳ ଜଙ୍କଶନ୍‌ରେ ପହଞ୍ଚି ଥିଲେ ମହାପ୍ରବନ୍ଧକ ଜୋଷୀ। ରେଳଷ୍ଟେଶନ୍ ଅନ୍ତର୍ଗତ ସାଧାରଣ ଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ, ମହିଳା ଶୟନ କକ୍ଷ, ଉଚ୍ଚଶ୍ରେଣୀ ଯାତ୍ରୀ ପ୍ରତୀକ୍ଷାଳୟ, ରେଲ୍‌ୱେ କଲୋନୀ, ରେଳ ପୋଲ, ରେଳ ଫାଟକ ବ୍ରିଜ୍, ପଏଣ୍ଟ ଏବଂ କ୍ରସିଂ ପରି ବିଭିନ୍ନ ନିରାପତ୍ତା ସମ୍ବନ୍ଧୀୟ ସମ୍ପତ୍ତି, ରେଳଧାରଣା, ପ୍ଲାଟଫର୍ମ, ବଲାଙ୍ଗୀର ଓ ଟିଟିଲାଗଡ ରେଳ ଜଙ୍କଶନ, ସଇଁତଲା ଓ ବଡମାଲ ରେଳଷ୍ଟେଶନ୍‌ରେ ଚାଲିଥିବା ନିର୍ମାଣ କାର୍ଯ୍ୟର ସେ ନିରୀକ୍ଷଣ କରିଥିଲେ। ପ୍ଲାଟ୍‌ଫର୍ମରେ ଟିକଟ ବୁକିଂ ଅଫିସ, କ୍ୟାଟରିଂ, ରିଟାରିଂ ରୁମ୍, ଭିଆଇପି ପ୍ରତିକ୍ଷାଳୟ, ଯାତ୍ରୀ ସୁବିଧାର ସମୀକ୍ଷା କରିଥିଲେ। ବଲାଙ୍ଗୀର ରେଳଷ୍ଟେଶନ୍ ଅନ୍ତର୍ଗତ ରେଲ୍‌ୱେ ପୋଲିସ ସୁରକ୍ଷା ବଳ ଥାନାରେ ସିସିଟିଭି ବ୍ୟବସ୍ଥାର ସେ ଲୋକାର୍ପଣ କରିଥିଲେ। ଭିଆଇଭି ଲାଉଞ୍ଜରେ ବିଧାୟକ ନରସିଂହ ମିଶ୍ର ମହାପ୍ରବନ୍ଧକ ଜୋଷୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ମିଶ୍ର ଜିଲାବାସୀଙ୍କ ବହୁଦିନର ଦାବି କଣ୍ଟାବାଞ୍ଜିଠାରେ ରେଳ ୱାଗନ କାରାଖାନା ପ୍ରତିଷ୍ଠା ଦାବି ଉଠାଇଥିଲେ। ବଲାଙ୍ଗୀର ରେଳ ଷ୍ଟେଶନରେ ଏକ ଉଚ୍ଚମାନର ଯାତ୍ରୀ ପ୍ରତୀକ୍ଷାଳୟ, ଦେଓଗାଁ ରେଳ ଷ୍ଟେଶନ ସହିତ ଜାତୀୟ ରାଜପଥରୁ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ, ଟିଟିଲାଗଡରୁ ବଲାଙ୍ଗୀର ଦେଇ ଦିଲ୍ଲୀ ପର୍ଯ୍ୟନ୍ତ ସୁପରଫାଷ୍ଟ ଏକ୍ସପ୍ରେସ ଗଡିବା, ଦ୍ରୁତଗାମୀ ରେଳ ଦୁର୍ଗ-ପୁରୀ ଓ ଶିରିଡି-ସାଇନାଥ ରେଳରେ ବଲାଙ୍ଗୀର କୋଟା ଭାବେ ସିଟ୍ ସଂରକ୍ଷଣ ରଖିବାକୁ ନେଇ ଆଲୋଚନା ହୋଇଥିଲା । ସମ୍ବଲପୁରରୁ ପୁରୀ ଯାଉଥିବା ଏକ୍ସପ୍ରେସ୍‌କୁ ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ବିଧାୟକ ମିଶ୍ର ଦାବି ଜଣାଇଥିଲେ । ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ମହାପ୍ରବନ୍ଧକ ଜୋଷୀଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ବରଗଡ ଓ ବୌଦ୍ଧ ଜିଲାବାସୀଙ୍କ ପ୍ରୟାଗରାଜ ଯାତ୍ରା ପାଇଁ ଜମ୍ମୁ-ତାୱି-ସମ୍ବଲପୁରକୁ କେସିଙ୍ଗା ପର୍ଯ୍ୟନ୍ତ ସମ୍ପ୍ରସାରଣ, ବଲାଙ୍ଗୀର-ବିଛୁପାଲି ଟ୍ରେନ୍‌କୁ ସମ୍ବଲପୁର-ଝାରସୁଗୁଡା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଲୋଇସିଂହା ଷ୍ଟେଶନ୍‌ରେ ପୁରୀ-ଦୁର୍ଗ ଏବଂ ହାୱଡା-ଜଗଦଲପୁର ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବି ଉଲ୍ଲେଖ କରିଥିଲେ। ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଓ ସହସମ୍ପାଦକ ଚକ୍ରପାଣି ଦାଶ ମହାପ୍ରବନ୍ଧକ ଜୋଷୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପୁରୀରୁ ବଲାଙ୍ଗୀର ଦେଇ ଜୁନାଗଡ ପର୍ଯ୍ୟନ୍ତ ଦ୍ରୁତ ପାସେଞ୍ଜର ଟ୍ରେନ୍ ଚାଲୁ କରିବା, ଦିଲ୍ଲୀ ଓ ଆଲ୍ଲାହାବାଦ ଯିବା ପାଇଁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ମହିଳା, ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ରୋଗୀ ଓ ସାମ୍ବାଦିକଙ୍କ ପାଇଁ ଏକ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ଖୋଲିବା, ବିଭିନ୍ନ ପ୍ଲାଟଫର୍ମରେ ବିଭିନ୍ନ କୋଚର ସ୍ଥିତି ଜାଣିବା ପାଇଁ ଏକ ଡିସ୍‌ପ୍ଲେ ବୋର୍ଡ ଗେଟ୍ ବାହାରେ ସ୍ଥାପନ ଦାବି ଜଣାଇଥିଲେ। ସୁବର୍ଣ୍ଣପୁର ଜିଲା ତରଭା ନାଗରିକ କମିଟି, ଦେଓଗାଁର ପ୍ରତିନିଧି ଦଳ, ବଲାଙ୍ଗୀରରେ ଉପଭୋକ୍ତା ସଂଘ ମଧ୍ୟ ବିଭିନ୍ନ ଦାବି ନେଇ ମହାପ୍ରବନ୍ଧକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶିଭୂଷଣ ସାହୁଙ୍କ ନେତୃତ୍ୱରେ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଣ୍ଡେ, କାର୍ତ୍ତିକ ମଲ୍ଲିକ, ସୁବଳ ରଣା, ବସନ୍ତ ଅଗ୍ରୱାଲ, ରାଜକିଶୋର ସେଠ ପ୍ରମୁଖ ମହାପ୍ରବନ୍ଧକ ଜୋଷୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ମହାପ୍ରବନ୍ଧକଙ୍କୁ ଦାବିପତ୍ର

ସଇଁତଲା,(ଡି.ଏନ.ଏ.): ମହାପ୍ରବନ୍ଧକ ଯୋଷୀ ବଡ଼ମାଲ ରେଳ ଷ୍ଟେଶନରେ ପହଞ୍ଚିବା ପରେ ବଡ଼ମାଲ ଗୋଳାବାରୁଦ କାରଖାନା ୱାର୍କର କମିଟି ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଇସ୍ପାତ ଏକ୍ସପ୍ରେସ, ସମଲେଶ୍ୱରୀ ଏକ୍ସପ୍ରେସ, ଧାନବାଲ ଏକ୍ସପ୍ରେସ ଟ୍ରେନକୁ ବଡ଼ମାଲ ରେଳଷ୍ଟେଶନରେ ରହଣି କରିବାକୁ ଉଲ୍ଲେଖ କରାଯାଇଥିଲା। ମହାପ୍ରବନ୍ଧକ ପୂର୍ବାହ୍ନ ୧୧ଟାରେ ସଇଁତଲା ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଜନସାଧାରଣ ଓ ବିକାଶ ପରିଷଦ ତରଫରୁ ସଇଁତଲାରେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଦୁର୍ଗ-ପୁରୀ, ପୁରୀ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ପୁନଃ ରହଣି ଦାବି କରିଥିଲେ।

### ବଣିକ ସଂଘର ୨୪ଦଫା ଦାବିପତ୍ର

ଟିଟିଲାଗଡ଼,(ଡି.ଏନ.ଏ.): ପୂର୍ବତଟ ରେଳ ମହାପ୍ରବନ୍ଧକ ଅର୍ଚ୍ଚନା ଜୋଷୀ ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସହ ଟିଟିଲାଗଡ ଷ୍ଟେଶନରେ ପହଞ୍ଚିବା ପରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସାକ୍ଷାତ ଆଲୋଚନା କରିଥିଲେ। ଟିଟିଲାଗଡ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ସମ୍ପାଦକ ଗୋପାଳକ୍ରିଷ୍ଣ ଜୈନ ମହାପ୍ରବନ୍ଧକଙ୍କୁ ୨୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରୀଷ୍ମଋତୁରେ ଟିଟିଲାଗଡ ସହରରେ ତାପମାତ୍ରା ଅଧିକ ରହୁଥିବାରୁ ରେଳବାଇ ପକ୍ଷରୁ ଟିଟିଲାଗଡ ଜଙ୍କସନ ସମେତ ଟିଟିଲାଗଡରୁ ରେହେନଭଟା, ସିକେର ଏବଂ ଜେସିଙ୍ଗା ଦିଗରେ ଖାଲି ସ୍ଥାନରେ ବନୀକରଣ, ୫ଟି ପ୍ଲାଟଫର୍ମକୁ ଉପରୁ ଆଚ୍ଛାଦିତ କରିବା ସହ ପାଣି ଛିଞ୍ଚନ, ପାନୀୟ ଜଳ ବ୍ୟବସ୍ଥା, ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ରାୟଗଡା ପର୍ଯ୍ୟନ୍ତ ସମ୍ପ୍ରସାରଣ, ଅସ୍ଥି ବିସର୍ଜନ ପାଇଁ ଆହ୍ଲାବାଦକୁ ସିଧାସଳଖ ସଂଯୋଗ ପାଇଁ ରାୟଗଡାରୁ ବାରାଣାସୀ ନୂତନ ଟ୍ରେନ ଚଳାଚଳ ଆଦି ଦାବି ହୋଇଛି।

## ସମସ୍ୟାର ତ୍ୱରିତ ସମାଧାନ କରାଯିବ



ଦାୟିତ୍ୱ ଗ୍ରହଣ କରିବା ଅବସରରେ ନୂତନ ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ।

ଦେଓଗାଁ,୧୬।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ତ୍ୱରିତ ସମାଧାନ କରାଯିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡାଯିବ। ବୁଧବାର ଆନୁଷ୍ଠାନିକଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଏହା କହିଛନ୍ତି ଦୟାନିଧି ଖମାରୀ । ବିଡିଓ ମୂରଲୀଧର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ, ବ୍ଲକ କାର୍ଯ୍ୟାଳୟର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୨ନଂ ଜୋନ ଜିଲା ପରିଷଦ ସଭ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦ, ସମିତି ସଭ୍ୟାସଭ୍ୟ, ବଲାଙ୍ଗୀର ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, କଂଗ୍ରେସ ଯୁବନେତା ଜନ୍ମେଜୟ ସାହୁ, କଂଗ୍ରେସ କୃଷକ ସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ କୁମାର ସାହୁ, କୈଳାସ ତାଣ୍ଡି, ବରିଷ୍ଠ ନେତା ଉମାଶଙ୍କର ସିଂ, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ଦାସ, ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରି କାର୍ଯ୍ୟକ୍ରମ



ଯୋଗ ଦେଇଥିବା ଛାତ୍ରୀଛାତ୍ର ।

ବୌଦ୍ଧ,୧୬।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରି-୨୦୨୨ ବୁଢୀପଦରସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଆରମ୍ଭ ହୋଇଛି । ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ଉଦୟନାଥ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ପିଲାଙ୍କର ସାମଗ୍ରିକ ବିକାଶରେ ଉକ୍ତ କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର କୁମାର ବେହେରା, ମା' ମାହେଶ୍ୱରୀ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ପିଲାମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ଉତ୍ସାହିତ କରିଥିଲେ। ଜିଲା ଶାରୀରିକ ସଂଯୋଜକ ଆନନ୍ଦ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପରିଡା ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପିଲାମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଦୁଃସାହାସିକ କ୍ରୀଡା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩୯୦ ଜଣ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଗୁରୁବାର ଏହି କାର୍ଯ୍ୟକ୍ରମ ଶେଷ ହେବ।

## ଜଙ୍ଗଲ ନିଆଁ ଆୟତ୍ତ ସଚେତନତା

- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଏକବର୍ଷ ପୂର୍ତ୍ତି
- ବାଇକ୍‌ରେ ସହର ପରିକ୍ରମା କଲେ ସବୁଜ ବାହିନୀ

ବଲାଙ୍ଗୀର ଅଫିସ,୧୬।୩



ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଏକବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ କର୍ମକର୍ତ୍ତା ।

ବଲାଙ୍ଗୀର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଏକବର୍ଷ ପୂର୍ତ୍ତି ଅବସରରେ ବୁଧବାର ଏକ ସଚେତନତା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଭିଯାନ ଆବାହକ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ସବୁଜ ବାହିନୀ ସଦସ୍ୟମାନେ ସ୍ଥାନୀୟ ସର୍କିଟ ହାଉସରୁ ଏକ ସଚେତନତା ବାଇକ ଶୋଭାଯାତ୍ରାରେ ବାହାରି ତୁଳସୀନଗର, ରୁଗୁଡିପଡା, ପେଲେସଲାଇନ୍, କୋସଲ ଛକ, ଆରଟିଓ ଅଫିସ ଛକ ଦେଇ କଦଳୀମୁଣ୍ଡା ନର୍ସରୀରେ ପହଞ୍ଚିଥିଲେ। ଏଥିରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଯୋଗଦେଇ ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ନାରା ଦେଇଥିଲେ। ନର୍ସରୀଠାରେ ଅଭିଯାନ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଖରାଦିନରେ କିଭଳି ଭାବେ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିବ ଏବଂ ଏ ଦିଗରେ ବନବିଭାଗ, ଗାଁ ଏବଂ ସହର ଲୋକଙ୍କ କ'ଣ ଭୂମିକା ରହିଛି ସେନେଇ ଆଲୋଚନା ହୋଇଥିଲା। ସଭାପତୀୟ ଅଭିଭାଷଣରେ ପଣ୍ଡା ଅଭିଯାନର ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଏବଂ ସମାଜସେବା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହ ଅଭିଯାନରେ ଅଧିକ ଯୁବପିଢ଼ି ସାମିଲ ହୋଇଥିବାରୁ ଜଙ୍ଗଲ ସୁରକ୍ଷାକୁ ନେଇ ଏହା ଏକ ଶୁଭସଙ୍କେତ ବୋଲି କହିଥିଲେ। ଆବାହକ ମହାନ୍ତି ଆଗାମୀ ଏକ ମାସ ଧରି କେଉଁ ଗାଁରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ହେବ ସେ ନେଇ କହିଥିଲେ। ଏକବର୍ଷ ପୂର୍ତ୍ତି ହୋଇଥିବାରୁ ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ଉପଦେଷ୍ଟା ବୀରେନ୍ଦ୍ର କୁମାର ଝାଙ୍କର ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ କବି ଅର୍ଜୁନ ସାହୁ ଜଙ୍ଗଲ ସୁରକ୍ଷାକୁ ନେଇ କୋଶଳୀ ସଚେତନତା ଗୀତ ପରିବେଷଣ କରିଥିଲେ। ସଭାରେ ସବୁଜ ବାହିନୀର ଅନିରୁଦ୍ଧ ଖର୍ସେଲ, ବିଶ୍ୱନାଥ କଠାର, ନିଳାଦ୍ରୀ ବିହାରୀ ସିଂ, ସ୍ୱେଚ୍ଛାସେବୀ ପ୍ରଶାନ୍ତ ମହାକୁର ସହଯୋଗ କରିଥିଲେ। ସଞ୍ଜୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ନିଆଁ ଉପରେ ସଚେତନତା ଶିବିର

ପାଇକମାଳ,୧୬।୩(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ଗୌରଜୁରିଠାରେ ନୃସିଂହନାଥ ଜଙ୍ଗଲ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ଉପରେ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନପାଳ ରାଧାକାନ୍ତ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ପଙ୍କଜ ସାହୁ, ସୁରଥ ସାହୁ, ଯୁବନେତା ନନ୍ଦଲାଲ ବରିହା, ସହ ବନ ଅଧିକାରୀ ଲୋକେଶ୍ୱର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜଙ୍ଗଲରୁ ମିଳୁଥିବା ଜିନିଷ ଲୋକଙ୍କ କାମରେ ଆସୁଛି। ତେଣୁ ଜଙ୍ଗଲରେ ନିଆଁ ଲାଗିଲେ ପ୍ରଥମେ ତାକୁ ଲିଭାଇବାକୁ ଉଦ୍ୟମ କାରିବା ସହ ବିଭାଗୀୟ କର୍ମଚାରୀଙ୍କୁ ଜଣାଇବାକୁ ବନପାଳ କୁମ୍ଭାର କହିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ନାଗ ମହୁଲ ଗଛର ବିଭିନ୍ନ ଲାଭ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଚିନ୍ମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ଜଙ୍ଗଲ ନିଆଁ ଉପରେ ଅତିଥିମାନେ ସଚେତନ କରୁଛନ୍ତି।

## କମାଲ ଦେଖାଇଲେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀ

**ପ୍ରଥମ ଓଡିଶା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସମାରୋହ**

- ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିଣିଲେ

ଭବାନୀପାଟଣା,୧୬।୩ (ସ୍ୱ.ପ୍ର.)



କୃତୀ ଛାତ୍ରୀଛାତ୍ରଙ୍କ ସହ କୁଳପତି।

ମୟୂରଭଞ୍ଜ ଜିଲାର ବାରିପଦାଠାରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଚାଲିଥିବା ପ୍ରଥମ ବିଶ୍ୱବିଦ୍ୟାଳୟ କ୍ରୀଡା ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।ଏଥିରେ ସେମାନେ ବିଭିନ୍ନ ବିଭାଗରେ ବାଜିମାତ୍ କରି ରାଜ୍ୟସ୍ତରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ତୃତୀୟ ସ୍ଥାନରେ ରଖି ପାରିଛନ୍ତି। ପୁରୁଷ କ୍ୟାରମ ପ୍ରତିଯୋଗିତାରେ ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି । ଏଥିସହ ତାଙ୍କୁ ୩୦,୦୦୦ ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଛି ।

ସେହିପରି ମହିଳା କ୍ୟାରମ ପ୍ରତିଯୋଗିତାରେ ପ୍ରଣତି ଠାକୁ ସ୍ୱର୍ଣ୍ଣପଦକ ଲାଭ କରିବା ସହିତ ୩୦,୦୦୦ ଟଙ୍କା ପୁରସ୍କାର ରାଶି ପାଇଥିଲେ। ମହିଳା ବ୍ୟାଡ୍‌ମିଣ୍ଟନ ବିଭାଗରେ ରସମିତ ଶବର ରୌପ୍ୟ ପଦକ ପାଇବା ସହିତ ୨୫ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ। ମହିଳା ଡବଲ ବ୍ୟାଡ୍‌ମିଣ୍ଟନରେ ରସମିତ ଶବର ଓ ମଧୁମିତା ଶବର ରୌପ୍ୟ ପଦକ ଲାଭ କରିବା ସହ ପ୍ରତ୍ୟେକଙ୍କୁ ୧୨୫୦୦ ଟଙ୍କା ନଗଦ ଅର୍ଥ ରାଶି ଦିଆଯାଇଥିଲା। ଫୁଟବଲରେ କ୍ୟାପେଟନ୍ ଯୁବଏର ମହମ୍ମଦଙ୍କ ନେତୃତ୍ୱରେ ଦଳ ବ୍ରୋଞ୍ଜ ପଦକ ଲାଭ କରିବା ସହ ୨୫୦୦୦ ଟଙ୍କା ନଗଦ ରାଶି ପୁରସ୍କୃତ ହୋଇଥିଲା। ଚେସ୍‌ରେ ତୁଷାରକାନ୍ତ ସାହୁ ବ୍ରୋଞ୍ଜ ପଦକ ସହିତ ନଗଦ ୨୦୦୦୦ ଟଙ୍କା ପୁରସ୍କାର ବାବଦକୁ ପାଇଥିଲେ । ଦୁଇଟା ସ୍ୱର୍ଣ୍ଣପଦକ, ଦୁଇଟି ରୌପ୍ୟ ପଦକ ଓ ଦୁଇଟି ବ୍ରୋଞ୍ଜ ପଦକ ଲାଭ କରି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଲାଭ କରିଛି। ଏହି ବିଜୟ ଫଳରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଉତ୍ସବ ପାଳନ କରାଯାଇଥିଲା। ବିଜୟୀ ଛାତ୍ରୀଛାତ୍ରମାନଙ୍କୁ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଓ କର୍ମଚାରୀ କଲେଜ ଛକରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ଆଣି ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହି ସମାରୋହରେ ମେଜର ଡ. ଜୟଦେବ ସାହୁ, ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ପ୍ରଦୀପ ପ୍ରଧାନ, ଶକ୍ତି ପ୍ରସାଦ କବି ଶତପଥୀ, ଡ. ନଳିନୀ ରଣା, ଖେଳ ଶିକ୍ଷକ ହୈମବତୀ ବେହୁରା ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।